RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଖିଲାଡ଼ି-ଅନାଡ଼ି ସାଥିସାଥି

▶ପୃଷ୍ଠା ୧୧ ଦେଖନ୍ତୁ...


ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED

Tangi, Cuttack-754022

: 8093064522, 8093064525, 8093064500

Mentor Trideb Sir :7008222977

## We are expecting 150 MBBS Admissions in 2026

653 DIBYA RANJAN JAJPUR M. : 9692036713
648 SIBA SANKAR BALESWAR M. : 6371756580
647 SUSHREE PRIYANKA DHENKANAL M. : 9777153555
645 ADITYA JAGATSINGHPUR M. : 9937769733
635 BISWABID JAJPUR M. : 9558959879
635 SHUBHAM BALESWAR M. : 9123066603
631 ADYASHA CUTTACK M. : 8249136458
630 JYOTI PRAKASH BALESWAR M. : 9040026074
620 SANDEEP KU. KEONJHAR M. : 7749823914
620 SAI PRAKASH JAGATSINGHPUR M. : 9777090684
616 BIKASH PURI M. : 9139254073
616 SUSHREE SAMIKHYA JAJPUR M. : 7205422843
615 DIBYAJYOTI CUTTACK M. : 9778171571
612 ABINASH JAGATSINGHPUR M. : 9853385091
607 SOUMYA RANJAN DHENKANAL M. : 9437809042
607 MANORANJAN KENDRAPARA M. : 9556233735
605 PRASANTA KU. CUTTACK M. : 9937898486
605 PRIYANSU PRITAM JAJPUR M. : 7008399671
603 PRANESH BARIPADA M. : 9439093446
602 AMIYADEEP KENDRAPARA M. : 9692308132
601 BISWARUPA KENDRAPARA M. : 6371780995
591 RIDHIRANI ANGUL M. : 7008146953
590 ADARSH AMLAN CUTTACK M. : 9861012314
590 DEBA PRASAD BALESWAR M. : 9040165239
590 SASWAT SWAYANSHU DHENKANAL M. : 7077762559
587 RAJESH BALESWAR M. : 8457895059
587 SMRUTI RANJAN JAJPUR M. : 8018868766
586 PRAKASH CUTTACK M. : 8260761144
585 SUBHASHREE CUTTACK M. : 9937339439
582 BHARAT KU. BOUDH M. : 7749022783
582 RAJESH KENDAPARA M. : 8260397534
580 RAMAKRUSHNA ANGUL M. : 7684000422
580 TARINI PRASAD KENDRAPARA M. : 8455886194

& Many More .....

## OUR INCREDIBLE ACHIEVERS IN AIIMS

710 AIIMS BBSR(2024) KAMALAKANTA Mob. : 8249906661
700 AIIMS RAIPUR(2024) RAHUL M. : 6372741832
697 AIIMS DELHI (2021) SUSHREE SANGITA Mob. : 9810975701
695 AIIMS GORAKHAPUR(2024) OMM PRAKASH M. : 6372521307
695 AIIMS GORAKHAPUR(2024) SWAGATIKA M. : 7381845430
680 AIIMS BBSR(2021) DEVASIS SAHOO Mob. : 9861492793
675 AIIMS GORAKHPUR(2023) ASHIRBAD BISWAL Mob. : 7846821473
670 AIIMS KALYANI (2023) ANUPAM NAYAK Mob. : 7205755502
670 AIIMS MADURAI(2024) ADITYA NARAYAN M. : 8260333635
665 AIIMS RAIPUR(2022) SATYAJIT NAYAK Mob. : 8260601336
590 AIIMS KALYANI(2025) SOURAV RANJAN Mob. : 9337135920
585 AIIMS KALYANI(2025) AMIT ANSUMAN Mob. : 8260552053
578 AIIMS KALYANI(2025) G.S. TANISHA Mob. :6370203229
575 AIIMS DEOGHAR(2025) SOUMYA RANJAN Mob. : 9853490176
574 AIIMS BBSR (2025) ASHUTOSH (SC) Mob. : 9438110102

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

### DEPT. OF PHYSICS :

Mr. Maheswar Parida (MP Sir) : (43 Yrs. Experience)
Mr. Milan Kumar Samal (Milan Sir) : (35 Yrs. Experience)
Mr. Samal Sir : (30 Yrs. Experience)
Mr. Manas Mishra (MM Sir) : (28 Yrs. Experience
Mr. Suman Ku. Sharma (SK Sir : (16 Yrs. Experience)
Mr. Sangram Sahoo (SS Sir) : (15 Yrs. Experience)
Mr. Rahul Singh (RS Sir) : (11 Yrs. Experience)

### DEPT. OF BOTANY :

Mr. Amitav Behera (AB Sir) : (28 Yrs. Experience)
Mr. Manas Kumar (MK Sir) : (28 Yrs. Experience)

### DEPT. OF CHEMISTRY :

Dr. Kailash Chandra Rout (KR Sir) : (40 Yrs. Experience)
Dr. Baikuntha Narayan Dash (BN Sir): (39 Yrs. Experience)
Mr. Tridib Behera (CH Sir) : (26 Yrs. Experience)
Mr. Bhagirathi Mallick (BM Sir) : (40 Yrs. Experience)
Dr. Ashok Kumar Roul (AKR Sir) : (37 Yrs. Experience)
Mr. Keshab Chandra Nath(KN Sir) : (18 Yrs. Experience)
Dr. Ranjit Kumar Kesh (RK Sir) : (12 Yrs. Experience)
Mr. Padarbinda Mantri (PM Sir) : (11 Yrs. Experience)

### DEPT. OF ZOOLOGY :

Dr. Kamalakanta Sahoo (KK Sir) : (40 Yrs. Experience)
Mr. Akshya Ku. Mohanty (AS Sir) : 40 Yrs. Experience)
Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

### Name of the Exam Centre :

TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

## ଉଦ୍ଧବଙ୍କୁ ପୁଣି ଝଟ୍‌କା: ସିନ୍ଦେ ଶିବିରରେ ସାମିଲ ହେଲେ ସଚିନ ଅହିର

ମୁମ୍ବାଇ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)କୁ ମଙ୍ଗଳବାର ପୁଣି ଏକ ବଡ଼ ଧକ୍କା ଲାଗିଛି। ଦଳର ବରିଷ୍ଠ ନେତା ତଥା ଆଦିତ୍ୟ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ସଚିନ ଅହିର ଆଜି ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି। ଶାସକ ମହାୟୁତି ମେଣ୍ଟର ପ୍ରାର୍ଥୀ ଭାବେ ଏମ୍‌ଏଲ୍‌ସି ଉପାଧକ୍ଷ ପଦ ପାଇଁ ସେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାରଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୦୨୨ରେ ଶିବସେନା ବିଭାଜନ ପରେ ମଧ୍ୟ ଅହିର ଉଦ୍ଧବ ଠାକରେଙ୍କ ସହିତ ରହିଥିଲେ। ତାଙ୍କର ଏହି ହଠାତ୍ ଦଳ ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଛି। ଉଦ୍ଧବ ସେନାର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ଦଳରେ ଯୋଗ ଦେବାର ମାତ୍ର କିଛି ଦିନ ପରେ ଏହି ଘଟଣା ଘଟିଛି। ସଚିନ ମୁମ୍ବାଇ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ସେ ପୂର୍ବରୁ ୱର୍ଲି ଆସନରୁ ବିଧାୟକ ରହିବା ସହ ଏନ୍‌ସିପିର ମୁମ୍ବାଇ ୟୁନିଟ୍ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅବିଭକ୍ତ ଶିବସେନାରେ ଯୋଗ ଦେଇଥିଲେ। ମୁମ୍ବାଇର ମିଲ୍ ଶ୍ରମିକମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା ଭାବେ ତାଙ୍କର ବେଶ୍ ଜନପ୍ରିୟତା ରହିଛି। ୨୦୧୯ ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ଆଦିତ୍ୟ ଠାକରେଙ୍କ ବିଜୟ ସୁନିଶ୍ଚିତ କରିବାରେ ସଚିନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉଦ୍ଧବ ଶିବିରର ବିଧାୟକ ସୁନୀଲ ରାଉତ ଏହି ଘଟଣାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଦଳ ପୂର୍ବରୁ ଅନେକ ଶକ୍ତ ଧକ୍କା ସହିଛି। ଏଥିରେ ଦଳ ଶେଷ ହୋଇଯିବ ନାହିଁ।

## ପାକିସ୍ତାନରେ ଭାଙ୍ଗିଲା ୧୨୫ ବର୍ଷର ଐତିହାସିକ ଶିଖ୍ ଗୁରୁଦ୍ୱାରା

ଫାରୁକାବାଦ, ୩୦।୬(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨୫ ବର୍ଷର ପୁରାତନ ଐତିହାସିକ ଶିଖ୍ ଗୁରୁଦ୍ୱାରକୁ ଆଂଶିକ ଭାବେ ଭାଙ୍ଗି ଦିଆଯିବା ଘଟଣାକୁ ନେଇ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ଫାରୁକାବାଦ ସ୍ଥିତ ଗୁରୁଦ୍ୱାର ଶ୍ରୀ ସିଂ ସଭାରେ ଗତ ଜୁନ୍ ୨୬ରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନର କିଛି ଅଧିକାରୀଙ୍କ ସହାୟତାରେ ଭୂ-ମାଫିଆମାନେ ଏହି ସଂରକ୍ଷିତ ଐତିହ୍ୟ ସ୍ଥଳକୁ ଜବରଦଖଲ କରିବା ଉଦ୍ଦେଶ୍ୟରେ ଏହାର ମୁଖ୍ୟ ଗମ୍ବୁଜ ସମେତ କିଛି ଅଂଶ ଭାଙ୍ଗି ଦେଇଛନ୍ତି। ଶିଖ୍ କର୍ମକର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ସ୍ଥାନୀୟ ପ୍ରଶାସନ ଏହି ସ୍ଥଳକୁ ସିଲ୍ କରିଛି ଏବଂ ସମସ୍ତ ନିର୍ମାଣ ତଥା ଭଙ୍ଗାରୁଜା କାର୍ଯ୍ୟକୁ ସ୍ଥଗିତ ରଖିଛି। ପ୍ରଶାସନ ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଛି। ଗୁରୁଦ୍ୱାର ଶ୍ରୀ ସିଂ ସଭା ଏକ ସଂରକ୍ଷିତ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତିପ୍ରାପ୍ତ। ୧୯୬୦ରେ ପାକିସ୍ତାନ ସରକାର ଏହି ସ୍ଥାନକୁ ଭାରତରୁ ଆସିଥିବା ଶରଣାର୍ଥୀଙ୍କୁ ରହିବା ପାଇଁ ଆବଣ୍ଟନ କରିଥିଲେ। ସର୍ତ୍ତ ଥିଲା ଯେ ମୂଳ ସଂରଚନାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ବର୍ତ୍ତମାନର ଭଙ୍ଗାରୁଜା ଏହି ନିୟମର ସ୍ପଷ୍ଟ ଉଲ୍ଲଂଘନ ବୋଲି ସଂରକ୍ଷଣ ବିଶେଷଜ୍ଞମାନେ କହିଛନ୍ତି। ଶିଖ୍ ସଂଗଠନଗୁଡ଼ିକ ଏଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ ଏବଂ ପାକିସ୍ତାନ ଶିଖ୍ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଉପରେ ଅବହେଳାର ଅଭିଯୋଗ ଆଣିଛନ୍ତି।

## ରାମ ମନ୍ଦିର ଦାନ ଚୋରି ମାମଲା: ୧୫ ହଜାର ଦରମାରେ ୨୫ ଲକ୍ଷ ଟଙ୍କାର ଜମି

ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲା ଦେଶରେ ହଇଚଇ ସୃଷ୍ଟି କରିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଦୁର୍ନୀତି ଭକ୍ତଙ୍କ ମନରେ ଆଘାତ ଦେବା ସହ ଆକ୍ରୋଶ ସୃଷ୍ଟି କରିଛି। ଏହି ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଧିରେ ଧିରେ ଅନେକ ଗୁମର ଖୋଲିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ଥିବା ସାମାନ୍ୟ କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମାତ୍ର ୧୨, ୦୦୦ ରୁ ୧୫, ୦୦୦ ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀମାନେ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କଲେ, ତାହା ଏବେ ତଦନ୍ତକାରୀ ସଂସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ର (୨୭) ମନ୍ଦିରର ନଗଦ ଟଙ୍କା ଗଣିବା ଦଳର ଏକ ସାଧାରଣ ସଦସ୍ୟ ଥିଲେ। ମାତ୍ର ତାଙ୍କର ଅଯୋଧ୍ୟା-ଲକ୍ଷ୍ନୌ ହାଇୱେ ନିକଟରେ ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହେଉଥିବା ଜଣାପଡ଼ିଛି। ମନ୍ଦିର ଟ୍ରଷ୍ଟରେ ଯୋଗ ଦେବାର ମାତ୍ର ଏକ ବର୍ଷ ମଧ୍ୟରେ ସେ ନିଜ ପତ୍ନୀଙ୍କ ନାମରେ ୮.୮ ଲକ୍ଷ ଟଙ୍କାର ଜମି କିଣିବା ସହ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଚଢ଼ଉ ସମୟରେ ଲବକୁଶଙ୍କ ପୈତୃକ ଗ୍ରାମ ମିଲ୍କିପୁରରେ ଥିବା ଘରୁ ଗୋବର ଗଦା ତଳୁ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ୨୦ ବର୍ଷୀୟ ଅନୁକଳ୍ପ ମିଶ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ସେ ନିଜ ଗାଁ ବାହାରେ ପ୍ରାୟ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଫାର୍ମହାଉସ୍ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ୧ ଲକ୍ଷ ଟଙ୍କାର ବାଇକ୍ ଥିବା ବେଳେ ନିକଟରେ ସେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ବୁକିଂ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଉଭୟ ଲବକୁଶ ଏବଂ ଅନୁକଳ୍ପଙ୍କ ପରିବାର ବେଶ୍ କଷ୍ଟେମଷ୍ଟେ ଚଳୁଥିବା ସେମାନଙ୍କ ଚିହ୍ନା ଲୋକମାନେ କହିଛନ୍ତି। ଏପରିକି ଲବକୁଶଙ୍କ ପଡ଼ୋଶୀ କହିଛନ୍ତି ଯେ, 'ସେମାନଙ୍କ ଜୀବନଶୈଳୀରୁ, ଏହା କେବେ ଜଣାପଡ଼ିନଥିଲା ଯେ ସେମାନଙ୍କର ଏତେ ଟଙ୍କା ଅଛି'। ତେବେ ଉଭୟ ଗତ ଏକ ବର୍ଷ ମଧ୍ୟରେ ଅସ୍ୱାଭାବିକ ଭାବେ ସମ୍ପତ୍ତି ଠୁଳ କରିଛନ୍ତି।

## ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ୍ ଅଗ୍ନିକାଣ୍ଡରେ ଜଣେ ମୃତ, ୩୫ ଆହତ

ହଳଦିଆ, ୩୦।୬(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବ ମେଦିନୀ ପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟରେ ମଙ୍ଗଳବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅତିକମରେ ୩୫ ଜଣ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଛନ୍ତି। ନାଫଥା ପାଇପଲାଇନ ଫାଟିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭୋର ପ୍ରାୟ ୪.୩୦ରେ ବଜ୍ରପାତ ହୋଇଥିଲା। ପରେ ନାଫଥା ପାଇପଲାଇନରେ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ପୁରା ପ୍ଲାଣ୍ଟ ପରିସରକୁ ନିଆଁ ବ୍ୟାପି ଯାଇଥିଲା। ଦୁର୍ଘଟଣା ସମୟରେ ଅନେକ ଲୋକ କାମକୁ ଯିବା ପାଇଁ ବାହାରକୁ ଆସିଥିବା ବେଳେ ସେମାନେ ନିଆଁର କବଳରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ମନୁ ବିବି ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାୟ ୩୫ ଜଣ ବ୍ୟକ୍ତି ପୋଡ଼ି ହୋଇ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ହଳଦିଆ ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବା ୫ ଜଣ ଗୁରୁତରଙ୍କୁ 'ଗ୍ରୀନ୍ କରିଡର' ମାଧ୍ୟମରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ଓ ପାଇପଲାଇନ ବିସ୍ଫୋରଣ ଯୋଗୁଁ ହଳଦିଆ ଏବଂ ଦୁର୍ଗାଚକ ମଧ୍ୟରେ ଟ୍ରେନ୍ ସେବା ବନ୍ଦ ରହିଛି। ହଳଦିଆ-ହାୱଡା ଲୋକାଲ ବାତିଲ କରାଯାଇଛି।

## ୨୨୦ ଫୁଟ୍ ବୋରୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ

ଅମ୍ବାଲା, ୩୦।୬(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲା ଅନ୍ତର୍ଗତ ଧନୌରା ଗ୍ରାମରେ ମଙ୍ଗଳବାର ଏକ ୪ ବର୍ଷର ଶିଶୁ ୨୨୦ ଫୁଟ୍ ଗଭୀର ଏକ ଖୋଲା ବୋରୱେଲ୍ ମଧ୍ୟକୁ ଖସି ପଡ଼ିଛି। ଏହାପରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିଶୁଟିର ନାମ ନିର୍ଭୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬.୩୦ରେ ନିର୍ଭୟ ତାଙ୍କ ପିତା ମନଜିତ୍‌ଙ୍କ ସହିତ ସେମାନଙ୍କ ଚାଷ ଜମିକୁ ଯାଇଥିଲେ। ସେଠାରେ ନିର୍ଭୟଙ୍କ ଜେଜେବାପା କର୍ଣ୍ଣେଲ ସିଂହ କାମ କରୁଥିଲେ। ପିତା ଓ ଜେଜେବାପା କାମରେ ବ୍ୟସ୍ତ ଥିବା ସମୟରେ ନିର୍ଭୟ ପାଖରେ ଖେଳୁଥିଲେ। ଖେଳୁ ଖେଳୁ ସେ ସେଠାରେ ଥିବା ଏକ ଖୋଲା ବୋରୱେଲ୍ ନିକଟକୁ ଚାଲିଯାଇଥିଲେ ଏବଂ ସେଥିରେ ମାଟି ପକାଇବାକୁ ଚେଷ୍ଟା କରିଥିଲେ। ବୋରୱେଲ୍ ଚାରିପାଖର ମାଟି ଓଦା ଏବଂ ପିଚ୍ଛିଳ ଥିବାରୁ ନିର୍ଭୟ ଭାରସାମ୍ୟ ହରାଇ ଉକ୍ତ ୯ ଇଞ୍ଚ ଚଉଡ଼ାର ସଂକୀର୍ଣ୍ଣ ଗାତ ଭିତରକୁ ଖସି ପଡ଼ିଥିଲେ। ଶିଶୁଟି ଗାତରେ ପଡ଼ିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନକୁ ଖବର ଦିଆଯିବା ପରେ ସକାଳ ପ୍ରାୟ ୭.୩୦ ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡେପୁଟି କମିଶନର ଅଜୟ ସିଂହ ତୋମାର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବୋରୱେଲ୍ ମାତ୍ର ୯ ଇଞ୍ଚ ଚଉଡ଼ା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ଏହି ଘଟଣା ପୁଣି ଥରେ ଖୋଲା ବୋରୱେଲ୍‌ର ବିପଦକୁ ସାମ୍ନାକୁ ଆଣିଛି।



## ସ୍କୁଲ ବସ୍ ଉପରେ ଗଛ ପଡ଼ି ୧୧ ବର୍ଷୀୟ ଛାତ୍ର ମୃତ

ମୁମ୍ବାଇ, ୩୦।୬(ଏଜେନ୍ସି): ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ମଙ୍ଗଳବାର ଏକ ସ୍କୁଲ ବସ୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ୫ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୨.୫୦ରେ ପ୍ରାୟ ୧୮ ଜଣ ପିଲାଙ୍କୁ ନେଇ ତିଳକ ନଗର ସ୍ଥିତ ୟୁନିଭର୍ସାଲ ସ୍କୁଲ ବସ୍‌ଟି ଯାତ୍ରା କରୁଥିଲା। ଏହି ସମୟରେ ହଠାତ୍ ଗଛଟି ବସ୍ ଉପରେ ପଡ଼ିଯିବା ଫଳରେ ବସ୍‌ର ଏକ ଅଂଶ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମଧ୍ୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକ ଏବଂ ବସ୍ କଣ୍ଡକ୍ଟରଙ୍କ ସହାୟତାରେ ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ନାମ ବିହାନ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନା ଆଣିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଆହତ ଅନ୍ୟ ୫ ଜଣ ଆହତ ଛାତ୍ରଙ୍କୁ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାସ୍ଥଳରେ ମୁମ୍ବାଇ ପୁଲିସ ଏବଂ ବିଏମସିର ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଗଛଟିକୁ ବସ୍ ଉପରୁ ହଟାଇବା ପାଇଁ ଏକ କ୍ରେନ୍ ସହାୟତା ନିଆଯାଇଥିଲା। ଗଛଟି କେଉଁ କାରଣରୁ ଉପୁଡ଼ିଲା, ସେ ନେଇ ଅଧିକାରୀମାନେ ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।


## ରାମ ମନ୍ଦିର ଚାନ୍ଦା ଚୋରି
# ଚମ୍ପତ ରାୟଙ୍କ ଅଡୁଆ ବଢ଼ିଲା

- ଦୀର୍ଘ ସମୟ ଧରି ଜେରା କଲା ପୁଲିସ
- ଚମ୍ପତଠାରୁ ଦୂରେଇଲା ବିଶ୍ୱ ହିନ୍ଦୁ ପରିଷଦ

ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ମିଳିଥିବା ଦାନ ଅର୍ଥର ବ୍ୟାପକ ଚୋରି ଏବଂ ହେରଫେର ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିଛି। ଟ୍ରଷ୍ଟରେ ଆର୍ଥିକ ଅନିୟମିତତା ଏବଂ କର୍ମକର୍ତ୍ତାଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଚମ୍ପତ ରାୟ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେହିଭଳି ବିଶେଷ ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ପରେ ବଢୁଥିବା ଚାପ ଯୋଗୁଁ ଟ୍ରଷ୍ଟି ଅନିଲ ମିଶ୍ର ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ଚାନ୍ଦା ଘୋଟାଲାକୁ ନେ ସନ୍ଦେହ ଘେରରେ ଥିବା ଚମ୍ପତ ରାୟଙ୍କୁ ଇତିମଧ୍ୟରେ ପୁଲିସ ଦୀର୍ଘ ସମୟ ଧରି ପଚରାଉଚରା କରିଥିବା ଜଣାପଡ଼ିଛି।

ଏକ ସାକ୍ଷାତକାରରେ ଭିଏଚ୍‌ପିର ଅନ୍ତର୍ଜାତୀୟ ସଭାପତି ଆଲୋକ କୁମାର ସ୍ପଷ୍ଟ କହିଛନ୍ତି ଯେ, 'ଆମର ଭୂମିକା ଶେଷ ହୋଇଛି। ଦେଶର କୌଣସି ସ୍ଥାନରେ ମନ୍ଦିର ନିର୍ମାଣ ବା ପରିଚାଳନା କରିବା ଭିଏଚ୍‌ପିର କାମ ନୁହେଁ। ଟ୍ରଷ୍ଟରେ ଯାହା ଘଟୁଛି, ସେଥିପାଇଁ ଟ୍ରଷ୍ଟ ହିଁ ଦାୟୀ ରହିବ।' ଚମ୍ପତ ରାୟ ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବେ ନେଇଥିବା ନିଷ୍ପତ୍ତି ପାଇଁ ଭିଏଚ୍‌ପି ଦାୟୀ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଯୋଧ୍ୟାରେ ଯାହା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହାଦ୍ୱାରା ସାରା ବିଶ୍ୱର ହିନ୍ଦୁ, ଦାନ ଦେଇଥିବା ଶ୍ରଦ୍ଧାଳୁ ଏବଂ କରସେବକଙ୍କ ପରିବାର ଗଭୀର ଭାବେ ମାନସିକ ଆଘାତ ପ୍ରାପ୍ତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଦାନ ହେରଫେର ମାମଲାରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର ଏବଂ ଲବକୁଶ ମିଶ୍ରଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଟି ବର୍ତ୍ତମାନ ବ୍ୟାପକ ତଦନ୍ତ ଜାରି ରଖିଛି। ଟ୍ରଷ୍ଟ ଏବଂ ଅଭିଯୁକ୍ତଙ୍କ ସହ ଜଡ଼ିତ ଗତ ୫ ବର୍ଷର ବ୍ୟାଙ୍କ ରେକର୍ଡ ଯାଞ୍ଚ କରାଯାଉଛି। ଜମା ରାଶି, କାରବାରର ଇତିହାସ ଏବଂ ନଗଦ ଅର୍ଥର ଗତିବିଧିକୁ ଅନୁଧ୍ୟାନ କରାଯାଉଛି। ସିସିଟିଭି ଫୁଟେଜ୍ ଏବଂ ଆଭ୍ୟନ୍ତରୀଣ ରେକର୍ଡକୁ ଯାଞ୍ଚ କରି ଦାନ କରାଯାଇଥିବା ଅର୍ଥ ସହ ସରକାରୀ ରେକର୍ଡ ମେଳ କରାଯାଉଛି। ଆଲୋକ କୁମାର ଦାବି କରିଛନ୍ତି ଯେ, ଏହି ତଦନ୍ତ କେବଳ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ସୀମିତ ନରହି ଚମ୍ପତ ରାୟ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ ହେବା ଉଚିତ।



## ଏସ୍‌ଆଇଆର୍ ପ୍ରସଙ୍ଗରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଲେ ୨୩ଟି ଦଳ

ନୂଆଦିଲ୍ଲୀ, ୩୦।୬: ବିବାଦୀୟ ସ୍ୱତନ୍ତ୍ର ।।ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରସଙ୍ଗରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଚିଠି ଲେଖଇଛନ୍ତି ୨୩ଟି ବିରୋଧୀ ଦଳ। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ କୋର୍ଟଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି।

କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଡିଏମକେ ଏବଂ ଆପ୍ ସହିତ ଇଣ୍ଡିଆ ମେଣ୍ଟର ୨୧ଟି ଦଳ ତରଫରୁ ଏହି ଚିଠି ଲେଖାଯାଇଛି। ଗତ ଜୁନ ୮ ତାରିଖରେ ଇଣ୍ଡିଆ ମେଣ୍ଟ ବୈଠକରେ ଏସଂପର୍କରେ ନିଷ୍ପତ୍ତି ହୋଇଥିଲା। ସେହି ବୈଠକରେ ଡିଏମକେ ଏବଂ ଆପ୍ ଯୋଗ ଦେଇନଥିଲେ ମଧ୍ୟ ସେମାନେ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଦୁଇ ଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର ନୁହନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ଦଳ ସହ କଂଗ୍ରେସ ହାତ ମିଳାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ଇଣ୍ଡିଆ ମେଣ୍ଟରୁ ବାହାରି ଯାଇଥିଲା ଷ୍ଟାଲିନଙ୍କ ଡିଏମକେ। ତେବେ ଏସଆଇଆର ପ୍ରସଙ୍ଗରେ ସେମାନେ ଅନ୍ୟ ଦଳ ସହିତ ଏକମତ ବୋଲି ସ୍ପଷ୍ଟ କରିଛନ୍ତି। ୨୩ଟି ରାଜନୈତିକ ଦଳ ସହିତ ସ୍ୱାଧୀନ ସାଂସଦ ତଥା ବିଶିଷ୍ଟ ଆଇନଜୀବୀ କପିଲ ଶିବଲ ମଧ୍ୟ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପତ୍ରରେ କଣ ଲେଖାଯାଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ଅନିୟମିତତା ନେଇ ସେମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏଥିରେ ଟାର୍ଗେଟ କରାଯାଉଥିବା ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପନ୍ନ ହୋଇଛି। ଏଥିରେ ୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଗତ ଏପ୍ରିଲରେ ପଶ୍ଚିମ ବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୨୭ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯାଇଥିଲା। ସେମାନଙ୍କର ଅପିଲ ଏବେ ବି ବିଭିନ୍ନ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି। ବିଚାର ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରାଯାଉଥିବା ଅଭିଯୋଗ ହୋଇଛି।

## ଆମ ପାଣି ବନ୍ଦ କଲେ ହାତ କାଟି ଦେବୁ: ପାକ୍ ଧମକ

ଇସଲାମାବାଦ, ୩୦।୬(ଏଜେନ୍ସି): ସିନ୍ଧୁ ଜଳ ବଣ୍ଟନକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ପାକିସ୍ତାନ ଭାରତକୁ ବାରମ୍ବାର ଧମକ ଦେଇଆସିଛି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନର ଜଳ ଯୋଗାଣକୁ ରୋକିଲେ, ଇସଲାମାବାଦ ସେମାନଙ୍କ 'ହାତ କାଟି ଦେବ'। ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମଲିକ ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନର ଜଳ ଯୋଗାଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସେ କହିଛନ୍ତି, 'ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଏକ ଟ୍ୟାପ୍ (କଳ)ର ନିୟନ୍ତ୍ରଣ ନିଜ ହାତରେ ରଖି ପାକିସ୍ତାନକୁ ବୁନ୍ଦାଏ ଜଳ ମଧ୍ୟ ଛାଡିବେ ନାହିଁ କହୁଛନ୍ତି'।ମଲିକ ଦୋହରାଇଛନ୍ତି ଯେ ପାକିସ୍ତାନ ନିଜର ଜଳ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ଏବଂ ଭାରତକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ୨୦୨୫ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଭାରତର ଯୁକ୍ତି ହେଉଛି ଯେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଜାରି ରହିଥିବା ବେଳେ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରୀ ତାରାର ଦାବି କରିଛନ୍ତି।

## ସିୟାଙ୍କୁ ନେଇ ସନ୍ଦେହରେ ଥିଲେ କେତନ ଅଗ୍ରୱାଲ

ପୁଣେ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରର ଲୋହଗଡ଼ ଦୁର୍ଗରେ ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେତନଙ୍କୁ ନିଜ ଭାବି ପତ୍ନୀ ସିୟା ଗୋୟଲଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା ଏବଂ ସେ ସିୟାଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ନେଇ ନିଜ ପରିବାର ସହିତ ଆଲୋଚନା ମଧ୍ୟ କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କେତନ ଏବଂ ସିୟାଙ୍କ ମଧ୍ୟରେ ଚଳିତ ବର୍ଷ ଫେବୃଆରୀରେ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା ଏବଂ ଆସନ୍ତା ନଭେମ୍ବରରେ ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ତେବେ କେତନ ନିଜ ପରିବାର ସଦସ୍ୟଙ୍କୁ ସିୟାଙ୍କର ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ନିବିଡ଼ ସମ୍ପର୍କ ରହିଛି ବୋଲି ଅବଗତ କରିଥିଲେ। ଏପରିକି କେତନ ବିବାହ ସ୍ଥିର କରିବା ପୂର୍ବରୁ ସିୟାଙ୍କର ପୃଷ୍ଠଭୂମି ଯାଞ୍ଚ କରାଯାଇଛି କି ନାହିଁ ବୋଲି ବାରମ୍ବାର ପରିବାରକୁ ପ୍ରଶ୍ନ କରିଥିଲେ। ସିୟା ଫୋନ୍‌ରେ ସବୁବେଳେ ବ୍ୟସ୍ତ ରହୁଥିବା ଏବଂ କଥାବାର୍ତ୍ତା ବେଳେ ପ୍ରାୟତଃ ଚେତନଙ୍କ ନାମ ନେଉଥିବା କଥା ମଧ୍ୟ ସେ ପରିବାରକୁ କହିଥିଲେ।



ଜୁନ୍ ୧୮ରେ ସିୟା ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି କେତନଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କୁ ଗିରଫ କରିଛି। କୋର୍ଟ ସେମାନଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇଛନ୍ତି। କେତନଙ୍କ ପିତା ବିଶାଳ ଅଗ୍ରୱାଲଙ୍କ ଅଭିଯୋଗ ଅନୁଯାୟୀ, ସିୟା ପୂର୍ବରୁ ବାଲି ଯିବାର ଏକ ଯୋଜନାକୁ ମଧ୍ୟ ଜାଣିଶୁଣି ବାତିଲ କରିଥିଲେ ଏବଂ ସବୁବେଳେ ଛୋଟ ଛୋଟ କଥାରେ କେତନଙ୍କ ସହ ଝଗଡ଼ା କରୁଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି। ଏହାସହ ଅପରାଧ ସ୍ଥଳରେ କ୍ରାଇମ ସିନ ରିକ୍ରିଏସନ୍ କରି ଅଧିକ ତଦନ୍ତ ଚଳାଇଛି।

କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଓକିଲ ବୋଲି ଦାବି କରୁଥିବା ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଏକ ସାକ୍ଷାତକାରରେ ସାହିଲ କହିଥିଲେ ଯେ, ଗୋୟଲ ପରିବାର ପକ୍ଷରୁ ଆଶୁତୋଷ ଶ୍ରୀବାସ୍ତବଙ୍କୁ ନିଯୁକ୍ତ କରାଯାଇ ନାହିଁ। ସେ ଅଭିଯୋଗ କରିଥିଲେ ଯେ ଶ୍ରୀବାସ୍ତବ ହୁଏତ ପ୍ରତାରଣା କରି ସିୟାଙ୍କଠାରୁ କେତେକ ଆଇନଗତ ଦଲିଲରେ ସ୍ୱାକ୍ଷର କରାଇ ନେଇଥାଇ ପାରନ୍ତି ଏବଂ ପରିବାରକୁ ଧମକ ଦେଉଛନ୍ତି।

## ଇଥାନଲ୍ ମିଶ୍ରଣ ଏକ ପରୀକ୍ଷା, ଫଳାଫଳ ଆସନ୍ତାବର୍ଷକୁ

ନୂଆଦିଲ୍ଲୀ,୩୦।୬(ଏଜେନ୍ସି):ଭାରତ ୨୦୨୫ରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି, ନିର୍ଦ୍ଧାରିତ ସମୟର ୫ ବର୍ଷ ପୂର୍ବରୁ ଏହା ହୋଇଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚଳିତବର୍ଷ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ପାଇଁ ପରୀକ୍ଷଣ ଚାଲିଛି। ଏହାର ଫଳାଫଳ ଆସନ୍ତା ବର୍ଷ ଆସିଯିବ ବୋଲି ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଯୋଗୁଁ ପୁରୁଣା ଯାନବାହନଗୁଡ଼ିକ ପ୍ରତି ସମ୍ଭାବ୍ୟ କ୍ଷତି ପହଞ୍ଚିବା ନେଇ ଜୋରଦାର ବିତର୍କ ଚାଲିଛି। ସରକାର କୌଣସି ଠୋସ୍ ପ୍ରମାଣ ନ ଥିବା କହି ଇ-୨୦ପେଟ୍ରୋଲ ଯାନ୍ତ୍ରିକ କ୍ଷତି ଘଟାଉଥିବା ଚିନ୍ତାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି, ଏହି ନୀତି ଭାରତର

### ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଲେ କେନ୍ଦ୍ର ସରକାର

ଶକ୍ତି ସୁରକ୍ଷା, ଚାଷୀ ଏବଂ ପରିବେଶ ପାଇଁ ଲାଭଦାୟକ ପ୍ରମାଣିତ ହେବ। କର୍ଣ୍ଣାଟକ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଯୁକ୍ତି ସମୟରେ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏହି ମନ୍ତବ୍ୟ ଦେଇଛନ୍ତି।




ଜୁନ୍ ୨୩ ଆଦେଶରେ କର୍ଣ୍ଣାଟକ ହାଇକୋର୍ଟ ତୈଳ କମ୍ପାନୀ ବିପିସିଏଲ, ଏଚ୍‌ପିସିଏଲ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓସି)କୁ ଟେଣ୍ଡର ଚୂଡ଼ାନ୍ତ କରିବା ପୂର୍ବରୁ ଇଥାନଲ୍ ଆବଣ୍ଟନ ବୃଦ୍ଧି ପାଇଁ ଏକ ଡିଷ୍ଟିଲେରୀ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିପିସିଏଲ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ବ୍ୟାପକ ନୀତିଗତ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ। ଆଟର୍ଣ୍ଣି ଜେନେରାଲ କହିଛନ୍ତି, ସରକାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ସହିତ ଏହାର ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଫଳାଫଳ କ'ଣ ରହୁଛି ତାହା ଦେଖାଯିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ବିପିସିଏଲ୍‌ର ଏହି ନିର୍ଦ୍ଦେଶ ବିରୁଦ୍ଧରେ କର୍ଣ୍ଣାଟକ ହାଇକୋର୍ଟ ଡିଭିଜନ ବେଞ୍ଚକୁ କାହିଁକି ଯାଇନାହିଁ।




ଏସୀୟ କ୍ରୀଡ଼ାରେ ହରମନ୍‌ପ୍ରୀତଙ୍କୁ ନେତୃତ୍ୱ

▶ପୃଷ୍ଠା ୧୨ ଦେଖନ୍ତୁ...



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA

The Legacy of GOLD Continues ...

UNIV. RANK 1 (BCA) Aradhana Pradhan 9.62 CGPA
UNIV. RANK 1 B.A. PSY. (H) Sanskruti Hota 9.42 CGPA
UNIV. RANK 1 (BBA) N. Jhansi Rani 8.97 CGPA

BCA Final Sambalpur University Results 2026
1st Rank 9.62 CGPA ARADHANA PRADHAN | 2nd Rank 9.48 CGPA ADYASHA RANA | 5th Rank 9.10 CGPA TANMAYA MAHARANA | 8th Rank 8.87 CGPA K SAI MANISHA | 9th Rank 8.84 CGPA KHUSI KUMARI

BBA Final Sambalpur University Results 2026
1st Rank 8.97 CGPA N. JHANSI RANI | 4th Rank 8.76 CGPA ANISHA GUPTA | 5th Rank 8.59 CGPA SIMRAN GUPTA | 7th Rank 8.23 CGPA PALLAVI SHARMA | 7th Rank 8.23 CGPA ROHIT SHARMA | 8th Rank 8.17 CGPA SHRUTI AGRAWAL | 10th Rank 8.12 CGPA PRACHI PANDA

+3 Final Sambalpur University Results 2026

M.Com (2024-26) 8.64 CGPA Priyaranjan Bhoi

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm

Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com | 94393 49333 / 82800 08111 / 92372 70045 / 94380 85817


## ୧୨୬ ବର୍ଷରେ ୫ମ ଶୁଖିଲା ଜୁନ୍

# ମହାବିପଦରେ ୨୨ ରାଜ୍ୟ

■ ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଏଥର ନିରାଶ କଲା ଜୁନ୍ ମୌସୁମୀ । କେବଳ ନିରାଶ କରିନାହିଁ, ଭୟଙ୍କର ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି । ବର୍ଷା ନଥିବାରୁ ମରୁଡ଼ି ପରିସ୍ଥିତି ଦେଖାଦେଲାଣି । ଏଥର ଜୁନ ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଗତ ୧୨୬ ବର୍ଷରେ ସବୁଠାରୁ ପଞ୍ଚମ ଶୁଖିଲା ଜୁନ ମାସରେ ପରିଣତ ହୋଇଛି । ୧୯୦୧ ପରେ ପଞ୍ଚମ ଥର ଲାଗି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଥିବାରୁ ଦେଶର ବ୍ୟାପକ ଅଞ୍ଚଳ ଶୁଖିଲା ପଡ଼ିଛି । ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ କୃଷି କ୍ଷେତ୍ର ପାଇଁ ମାଡ଼ି ଆସିଲାଣି ମହାବିପଦ ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଜୁନ ମାସରେ ୧୬୫.୩ ଏମ୍‌ଏମ୍ ବର୍ଷା ହେବା କଥା । କିନ୍ତୁ ଜୁନ ୧ରୁ ୩୦ ତାରିଖ ମଧ୍ୟରେ ଏଥର ହୋଇଛି ମାତ୍ର ୯୯.୫ ଏମ୍‌ଏମ୍ ବର୍ଷା । ପୂରା ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୦୦୯ ଜୁନରେ ▶ପୃଷ୍ଠା-୭




## ଆସୁଛି ଯୋଡ଼ା ଲଘୁଚାପ

# ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୩୦।୬ (ସମିସ): କମ୍ ବର୍ଷାକୁ ନେଇ ସାରା ରାଜ୍ୟରେ ଚାଷବାସ ପଛେଇଥିବା ସମୟରେ ଆଗପଛ ହୋଇ ଆସୁଛି ଦୁଇଟି ଲଘୁଚାପ । ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ୨ ତାରିଖଠାରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କୁହାଯାଉଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉପର ବାୟୁମଣ୍ଡଳୀୟ ଏକ ଘୂର୍ଣ୍ଣିବଳୟ ରହିଛି । ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଏହା ରହିଛି । ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ▶ପୃଷ୍ଠା-୭

## ପଢ଼ାବହିରେ ତ୍ରୁଟି

# କିଏ ନେବ ଉତ୍ତରଦାୟିତ୍ୱ: ନବୀନ

■ ଭୁବନେଶ୍ୱର, ୩୦।୬ (ସମିସ): ରାଜ୍ୟରେ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି । ଜାତୀୟ ଗଣମାଧ୍ୟମରେ ଓଡ଼ିଶାରେ ପିଲାଙ୍କ ବହିରେ ତ୍ରୁଟି ଡ଼ିବିଡ଼ିବି ହୋଇ ବାଜୁଛି । ତ୍ରୁଟିଯୁକ୍ତ ବହି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିବା ନୂତନ ସଂଶୋଧିତ ବହି ପ୍ରଦାନ କରିବାକୁ ଦାବି କରିଛନ୍ତି । ବହି ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ କଥା କହୁଥିବା ସମୟରେ ଗଣଶିକ୍ଷାମନ୍ତ୍ରୀ ଭିନ୍ନ କଥା କହୁଛନ୍ତି । ଯାହାକୁ ନେଇ କ୍ଷୋଭ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ତ୍ରୁଟିପୂର୍ଣ୍ଣ ପୁସ୍ତକ ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ଉଲ୍ଲେଖ କରି ଏହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି ।



**ସତ୍ୟ ଓ ତଥ୍ୟ ସହ ଶିଶୁକୁ ପରିଚିତ କରିବାର ମାଧ୍ୟମ ସ୍କୁଲ ବହି**

**ତ୍ରୁଟିପୂର୍ଣ୍ଣ ବହି ପିଲାଙ୍କ ଭବିଷ୍ୟତ ମୂଳଦୁଆ ଉପରେ ଆଘାତ ଦେଇଛି**

**କୋମଳମତି ପିଲାମାନଙ୍କ ବିଶ୍ୱାସ ଭାଙ୍ଗିବାକୁ ଉଦ୍ୟମ ହୋଇଛି**

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ । ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ । ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ । ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ । ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି । କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ▶ପୃଷ୍ଠା-୭

## ବାଣପୁରରେ ଭିଡ଼ହିଂସା

# ଲୁଚାଇବାକୁ ଯାଇ ଫସିଲା ପୁଲିସ

■ ଖୋର୍ଦ୍ଧା/ବାଣପୁର, ୩୦।୬ (ସମିସ): ବେଳକୁ ବେଳ ବିପର୍ଯ୍ୟସ୍ତ ହେଉଛି ରାଜ୍ୟରେ ଆଇନ ଶୃଙ୍ଖଳା । ବାଲିଅନ୍ତା, ପିପିଲି ପରେ ପୁଣି ବାଣପୁରରେ ଘଟିଛି ଆଉ ଏକ ଭିଡ଼ ହିଂସା । ବାଣପୁରରେ ଗାଁ ଲୋକଙ୍କ ମାଡ଼ରେ ଗୁରୁତର ଆହତ ତୋଫାନ ନାୟକଙ୍କୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିବା, ବିଳମ୍ବିତ ସନ୍ଧ୍ୟାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଓ ପରଦିନ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ତାର ମୃତ୍ୟୁ ଘଟଣା ପୁଲିସକୁ ଅକଳରେ ପକାଇଛି । ପରିବାର ଲୋକେ ପ୍ରଥମେ ଥାନାରେ ତାକୁ ଥାର୍ଡ଼ ଡ଼ିଗ୍ରୀ ଦିଆଯାଇଥିବା ଅଭିଯୋଗ କରିଥିଲେ ହେଁ ଏସ୍‌ପି ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ । ସୁସ୍ଥ ଅବସ୍ଥାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ମାତ୍ର ଆଜି ତୋଫାନକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମରାଯାଉଥିବାର ଏକ ଭିଡ଼ିଓ ଭାଇରାଲ ହେବା ପରେ ଥାର୍ଡ଼ ଡ଼ିଗ୍ରୀ ଅଭିଯୋଗରୁ ମୁକୁଳିଥିବା ପୁଲିସ ଆଉ ଏକ ନୂଆ ବିବାଦରେ ଛନ୍ଦି ହୋଇଛି । ତୋଫାନର ମୃତ୍ୟୁ ସାମୂହିକ ଆକ୍ରମଣ ଯୋଗୁ ହୋଇଥିବା ଅଭିଯୋଗ ହେବା ପରେ ▶ପୃଷ୍ଠା-୭

**ରହସ୍ୟ ଖୋଲିଦେଲା ମାଡ଼ର ଭାଇରାଲ ଭିଡ଼ିଓ**

**ଖୁଣ୍ଟରେ ବାନ୍ଧି ତୋଫାନକୁ ପିଟିଥିଲେ ଗ୍ରାମବାସୀ**

## ଏକତରଫା ପ୍ରେମ ପାଇଁ ବିବାହିତ ଯୁବକର ଉନ୍ମତ୍ତ କାଣ୍ଡ

# ନାବାଳିକାକୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ



■ ଭଦ୍ରକ/ଧୂଷୁରୀ/ଅସୁରାଳି, ୩୦।୬ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ଫତେପୁର ଗାଁର ଜଣେ ୩୩ ବର୍ଷୀୟ ବିବାହିତ ଯୁବକ ନିକଟସ୍ଥ ଗାଁର ଜଣେ ଦଶମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ କରୁଥିବା ଉଦ୍ୟମ ପଣ୍ଡ ହୋଇଛି । ସ୍ଥାନୀୟ ଲୋକେ ସେହି ଯୁବକକୁ ଧରି ଅଟକ ରଖିଥିବା ବେଳେ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଆଣି ଅଟକ ରଖିଥିଲେ ।

ସୂଚନାଯୋଗ୍ୟ, ଫତେପୁର ପଞ୍ଚାୟତ ଧର୍ମାଗତପୁର ଗାଁର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ । ଛାତ୍ରୀ ଏଥିରେ ରାଜି ନ ହେବାରୁ ମଙ୍ଗଳବାର ପୂର୍ବାହ୍ଣରେ ସେ ସ୍କୁଲକୁ ଯାଉଥିବାବେଳେ ଲେଞ୍ଜରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ▶ପୃଷ୍ଠା-୭

## ନାବାଳିକା ଭାଣିଜୀକୁ ନିଆଁରେ ପୋଡ଼ି ହତ୍ୟା ମାମଲା

# ହତ୍ୟାକାରୀ ମାମୁଁକୁ ଫାଶୀଦଣ୍ଡ

■ ବ୍ରହ୍ମପୁର, ୩୦।୬ (ସମିସ): ନାବାଳିକା ଭାଣିଜିକୁ କିରାସିନି ଢାଳି ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି । ଗତକାଲି ଏହି ମାମଲାର ବିଚାରଣା ଶେଷ ପରେ ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ । ଆଜି ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ମାମୁଁକୁ ଦଣ୍ଡବିଧାନ କରାଯାଇଛି । ନାବାଳିକା ଭାଣିଜି ଗାୟତ୍ରୀ ପାତ୍ର(୧୩)କୁ କିରୋସିନି ଢାଳି ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି କୋର୍ଟ । ଦଣ୍ଡାଦେଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ଶୁପ୍ରିନ ଦିଗାଲକୁ କୋର୍ଟରେ ହାଜର କରାଯାଇଥିଲା । ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡାଙ୍କ କୋର୍ଟରେ ଏହି ଦଣ୍ଡାଦେଶ ହୋଇଛି । ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା । ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ▶ପୃଷ୍ଠା-୭


## ୩ ମାସ ଭତ୍ତା ବନ୍ଦ ପରେ ଏବେ କେୱାଇସି କଷଣ

# ଆଧାର ସଂଯୋଗ ନ ହେଲେ ମିଳିବନି ଭତ୍ତା

■ ଭୁବନେଶ୍ୱର, ୩୦।୬ (ସମିସ): ନିର୍ବାଚନ ପୂର୍ବରୁ ନିଜର ସଙ୍କଳ୍ପ ପତ୍ରରେ ରାଜ୍ୟରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟ ଆଦିଙ୍କ ମାସିକ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଜେପି କହିଥିଲା । ମାତ୍ର ରାଜ୍ୟରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇପାରି ନାହିଁ । ବର୍ଦ୍ଧିତ ଭତ୍ତା ତ ଦୂରର କଥା, ପୂର୍ବ ସରକାର ସମୟରେ ଯେଉଁ ହିତାଧିକାରୀମାନେ ମାସକୁ ମାସ ଭତ୍ତା ପାଉଥିଲେ ସେମାନଙ୍କୁ ନିୟମିତ ଭତ୍ତା ମିଳୁନାହିଁ । ଗତ ୩ ମାସ ହେବ ରାଜ୍ୟରେ ଭତ୍ତା ପ୍ରଦାନକୁ ନେଇ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଥିବା ବେଳେ ଏବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମୁଣ୍ଡରେ ପଡ଼ିଛି କେୱାଇସି ଚଡ଼କ । ଆଧାର ସଂଯୋଗ ନ ହେଲେ ସେମାନଙ୍କୁ ଆଉ ଭତ୍ତା ମିଳିବ ନାହିଁ ବୋଲି ପରୋକ୍ଷରେ ସୂଚାଇ ଦିଆଯାଇଛି ।

**୨ ବର୍ଷ ପରେ ବି ୩ ହଜାର ଭତ୍ତା ଅପେକ୍ଷାରେ ହିତାଧିକାରୀ**

ବିଜେପିର ୨୦୨୪ ନିର୍ବାଚନୀ ସଙ୍କଳ୍ପ ପତ୍ରରେ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ୬୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥଲେ । ୮୦ ବର୍ଷ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଅକ୍ଷମତା ବିଶିଷ୍ଟ ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତି ମିଳିଥିଲା । ସରକାର ଗଠନ ପରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦% ଦିବ୍ୟାଙ୍ଗଙ୍କୁ ପ୍ରତିଶ୍ରୁତି ମୁତାବକ ଭତ୍ତା ମିଳୁଥିବାବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିନାହିଁ । ପୂର୍ବରୁ ଯେଉଁ ହିତାଧିକାରୀମାନେ ୧୦୦୦ ଟଙ୍କା ଭତ୍ତା ପାଉଥିଲେ, ସେମାନଙ୍କୁ ମଧ୍ୟ ତାହା ନିୟମିତ ମିଳୁନାହିଁ । ଗତ କିଛି ମାସ ଧରି ରାଜ୍ୟର ପ୍ରାୟ ୧୮ ଲକ୍ଷରୁ ଅଧିକ ହିତାଧିକାରୀ ଭତ୍ତା ନ ପାଇବା ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଏହି ▶ପୃଷ୍ଠା-୭

# ସାର ଅଭାବ ପାଇଁ କୃଷି ଅଧିକାରୀଙ୍କୁ ଘେରଉ

ସମ୍ବଲପୁର, ୩୦।୬ (ସମିସ) :





ଖରିଫ୍ ଚାଷ ଋତୁ ଆରମ୍ଭ ନ ହେଉଣୁ ଦେଖାଦେଇଛି ସାର ଅଭାବ। ଚାଷୀ ସାର ପାଉ ନ ଥିବାବେଳେ ଘରୋଇ ଡିଲରମାନେ କଳାବଜାରରେ ବିକ୍ରୟ କରୁଛନ୍ତି। ପ୍ରଶାସନ ଓ କୃଷି ବିଭାଗର ଲଗାମ ନାହିଁ। କୃଷି ଅଧିକାରୀମାନଙ୍କ ଜାଣତରେ ସବୁ ଡିଲରମାନଙ୍କ ପାଖରେ ସାର ଗଚ୍ଛିତ ଅଛି; କିନ୍ତୁ ପ୍ୟାକ୍ ମାନଙ୍କୁ କମ୍ ପରିମାଣର ସାର ଦେଉଥିବାରୁ ଚାଷୀମାନେ ପାଇପାରୁ ନାହାନ୍ତି। ଘରୋଇ ଡିଲରମାନେ ଖୋଲାଖୋଲି ଉଚ୍ଚ ଦରରେ ବିକ୍ରୟ କରୁଛନ୍ତି। ପ୍ରତିବର୍ଷ ଖରିଫ ଚାଷ ସମୟରେ ସାର ଅଭାବ ଦେଖାଯାଉଛି। ତେବେ, କୃଷି ଅଧିକାରୀମାନେ ଜାଣିଶୁଣି ଚଢ଼ଉ କରୁନାହାନ୍ତି। ଚାଷୀମାନେ ବାରମ୍ବାର କୃଷି ବିଭାଗ ଓ ସମବାୟ ବିଭାଗଠାରେ ପ୍ରତିବାଦ କଲାପରେ ମଧ୍ୟ ଫଳ ଶୂନ। ଗତବର୍ଷ ପ୍ରତିବାଦ ପରେ ନିଜେ କୃଷକ ସଂଗଠନ ଯାଇ ଜଣେ କଳାବଜାରୀକୁ ଧରିଥିଲା। ଚାଷୀ ସଂଗଠନ ଇଣ୍ଡିଆନ୍ ଏଣ୍ଟରପ୍ରାଇଜ୍, ରେମେଡ୍‌କୁ ଧରିବାପରେ କୃଷି ବିଭାଗ ତାହାର ରିଟେଲର୍ ଲାଇସେନ୍ସ ବାତିଲ କରିଥିଲା। ସାର ଅଭାବକୁ ନେଇ ଆଜି ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ମୁଖ୍ୟ କୃଷି ଅଧିକାରୀ (ସିଡିଓ)ଙ୍କୁ ଘେରିଥିଲେ। ଏହାସହ ଘରୋଇ ଡିଲର ମାନଙ୍କୁ କେତେ ସାର ଦିଆଯାଇଛି ତା'ର ତାଲିକା ଦେବାସହ ପ୍ରତିଦିନ କେତେ ସାର ଗଚ୍ଛିତ ରହିଛି ତାହା କୃଷକ ସଂଗଠନକୁ ଜଣାଇବାକୁ ଦାବି କରିଥିଲେ। କଳାବଜାରୀ ଡିଲର୍ ମାନଙ୍କ ଉପରେ ଚଢ଼ଉ କରା ନ ଗଲେ ଆଗାମୀ ଦିନରେ କୃଷକ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସଭାପତି ବ୍ୟୋମକେଶ ଠାକୁର ପ୍ରଶାସନକୁ ଜଣାଇଛନ୍ତି।

ଚାଷୀ ମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ସରକାର ଘୋଷଣା କରିଥିଲେ ଯେ, ସାର ୬୦% ସମବାୟ ସମିତି ଏବଂ ୪୦% ଡିଲର ମାନଙ୍କୁ ଦିଆଯିବ। ତେବେ, ସୋସାଇଟିରେ ସାର ନାହିଁ। ଘରୋଇ ଡିଲରମାନେ ଶହ ଶହ ବସ୍ତା ଗଚ୍ଛିତ ରଖିଛନ୍ତି। ଖରିଫ ଧାନର ପହୁରୁଆ କାମ ଆରମ୍ଭ ହେବାପରେ କାଡ଼ୁଅରେ ଡିଏପି ସାର ଦିଆଯାଉଥାଏ। କାଡ଼ୁଅ ସାର ବା ଡିଏପି ଦେବାର ୧୫ ଦିନ ପରେ ପୁଣି ୟୁରିଆ ଦିଆଯାଉଥାଏ। ସମବାୟ ସମିତି ମାନଙ୍କରେ ସାର ମିଳୁ ନ ଥିବାବେଳେ ଡିଲରମାନେ ନିର୍ଭୟରେ କଳାବଜାରରେ ବିକ୍ରି କରୁଛନ୍ତି, କୃଷି ବିଭାଗ ଶୋଇଛି। ଚାଷୀ ପ୍ରତିବାଦ କଲେ ଯାଇ କୃଷି ବିଭାଗ ଚେତୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ୟୁରିଆ ସାରର ଦର ୨୬୭.୫୦ ଟଙ୍କା ଥିବାବେଳେ ତାହା ୫୦୦ ଟଙ୍କାରେ ବିକ୍ରୟ ହେଉଛି। ସେଥିରେ ପୁଣି ଜବରଦସ୍ତି ଭିଟାମିନ୍ ଦେଉଛନ୍ତି। ସେହିପରି ଡିଏପି ସାରର ଦର ୧୩୫୦ ଟଙ୍କା ହୋଇଥିବାବେଳେ ତାହା ୨୧୦୦ ଟଙ୍କାରେ ବିକ୍ରୟ ହେଉଛି। ସାଧାରଣ ଚାଷୀ ଗଲେ ଡିଲରମାନେ ସାର ନାହିଁ କହିବାସହ, ଅଧିକ ଟଙ୍କା ଦେଲେ ଦେଉଛନ୍ତି। ପୁଣି ବହୁଳ ମାତ୍ରାରେ ସାର ଘରୋଇ ଡିଲରଙ୍କୁ ସାର ଦିଆଯାଉଥିବା ଅଭିଯୋଗ ହେଉଛି। ଏନେଇ କୃଷି ବିଭାଗ କଳାବଜାର ରୋକିବାକୁ ଦୃଢ଼ ପଦକ୍ଷେପ ନେବାକୁ ଚାଷୀମାନେ ମୁଖ୍ୟ କୃଷି ଅଧିକାରୀଙ୍କଠାରେ ଦାବି ଜଣାଇଛନ୍ତି।

ଏହାପରେ କୃଷକ ସଂଘର ପ୍ରତିନିଧି ଦଳ ସମବାୟ ସମିତି ସମୂହ କାର୍ଯ୍ୟାଳୟକୁ ଯାଇ ଏଆରସିଏସ୍ ମଧୁସୂଦନ ମେହେରଙ୍କୁ ଭେଟି ସମସ୍ତ ଚାଷୀ ମାନଙ୍କୁ କିଭଳି ସାର ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। କେବଳ ଋଣ କରିଥିବା ଚାଷୀ (ଲୋନି ମେମ୍ବର)ଙ୍କୁ ଦେଲେ, ଋଣ କରି ନ ଥିବା (ନନ୍‌ଲୋନି) ଛୋଟ ଚାଷୀ ବା ଭାଗ ଚାଷୀମାନେ କିପରି କରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଏହାସହ ଘରୋଇ ଡିଲରମାନଙ୍କ ଏକ ତାଲିକା ଦିଆଯାଉ। କାହା ପାଖରେ କେତେ ଅଛି ତାହାର ରିପୋର୍ଟ ସଂଗଠନକୁ ଦିଆଯିବାକୁ ଦାବି କରାଯାଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମିଶ୍ର, ରେବିତ ପ୍ରଧାନ, ଦିଲ୍ଲୀପ ସାହୁ, ଜଗଦାନନ୍ଦ ନାୟକ, ବିପିନ ଭୋଇ, ଶାନ୍ତନୁ ପଧାନ, ଜିଗ୍ନେଶ ବାରିକ, ତରଣୀସେନ ଭୋଇ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଘରଡିହ ପଟ୍ଟା ଦାବି କଲେ ସାନ୍ତରାପାଲି ବାସିନ୍ଦା

ସମ୍ବଲପୁର,୩୦।୬(ସମିସ): କୃଷ୍ଣ ରୋଗରୁ ସୁସ୍ଥ ହେବା ପରେ ମଧ୍ୟ ସମାଜ ଓ ପରିବାର ପକ୍ଷରୁ ବାସନ୍ଦର ଶିକାର ହୋଇ ନୂଆପଡ଼ା ଓ ସାନ୍ତରାପାଲି ଅଞ୍ଚଳରେ ଆଶ୍ରୟ ନେଇଥିବା ପରିବାରଗୁଡ଼ିକୁ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ମିଳିପାରି ନାହିଁ। ବର୍ତ୍ତମାନ ପିଢ଼ି ବଦଳି ଯାଇଥିଲେ ହେଁ ସେମାନଙ୍କୁ ଘରଡିହ ପଟ୍ଟା ମିଳିନଥିବାରୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ କରି ପିଲାମାନଙ୍କ ପାଠପଢ଼ାରେ ଏହା ବାଧା ସୃଷ୍ଟି କରୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଆଜି ସାନ୍ତରାପାଲି ବାସିନ୍ଦା ଯୁବମୋର୍ଚ୍ଚା ତହସିଲଦାର ପ୍ରଶାନ୍ତ ଦ୍ବୁବେଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁବମୋର୍ଚ୍ଚା ସମିତି ସଭ୍ୟ ତଥା ବିଜେପି ଯୁବନେତା ଜୟନ୍ତ ପ୍ରଧାନ ଏବଂ ଯୁବମୋର୍ଚ୍ଚା ବିଜେପି ମଣ୍ଡଳ ସଭାପତି ମହାଦେବ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲଦାରଙ୍କ ସହ ଏହି ବିଷୟରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ପାଖରେ ଭୋଟ୍ କାର୍ଡ, ଆଧାର କାର୍ଡ ଓ ରାସନ କାର୍ଡ ଭଳି ସମସ୍ତ ସରକାରୀ ପରିଚୟପତ୍ର ରହିଛି। ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ମଧ୍ୟ ପାଉଛନ୍ତି। ଏହା ସହ ବସ୍ତିକୁ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ମଧ୍ୟ ଯୋଗାଇ ଦିଆଯାଇଛି। ମାତ୍ର ସ୍ଥାୟୀ ଜମି ପଟ୍ଟା ନଥିବାରୁ ସେମାନେ ସରକାରଙ୍କ ଆବାସ ଯୋଜନାରେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ କରି ସେମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବାକୁ ଗ୍ରାମବାସୀ ଓ ବିଜେପି ନେତୃବୃନ୍ଦ ଦାବି କରିଛନ୍ତି।

## ଓବିସି ରାଜ୍ୟ ସଭାପତିଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୩୦।୬(ସମିସ): ଓବିସି ରାଜ୍ୟ ସଭାପତି ସରୋଜ ପ୍ରଧାନ ଆଜି ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଶ୍ରୀ ପ୍ରଧାନଙ୍କୁ ସମ୍ବଲପୁର ଜିଲ୍ଲା ସଭାପତି ଇଞ୍ଜିନିୟର ଅମିତ୍ କୁମାର ଗୁରୁ ସ୍ୱାଗତ କରିବା ସହ ମହିଳା ସଭାପତି ବିଜୟ ଲକ୍ଷ୍ମୀ ବେହେରା ଉତ୍ତରୀୟ ଦେଇଥିଲେ। ଓବିସି ବର୍ଗଙ୍କୁ ନେଇ କଂଗ୍ରେସର ସଂଗଠନକୁ ମଜବୁଦ୍ କରିବା ଆବଶ୍ୟକ ବୋଲି ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଜିଲ୍ଲାର ଜିଲ୍ଲା ସଭାପତି, ବ୍ଲକ ସଭାପତି, ଏନଏସି ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହମତିରେ ଓବିସି ଜିଲ୍ଲା ସଭାପତି ଚୟନ କରିବାକୁ ଶ୍ରୀ ପ୍ରଧାନ କହିଥିଲେ। ଏହି ଆଲୋଚନାରେ ପିସିସ ସଭ୍ୟ ସୁବାସ ବିଶ୍ୱାଳ, ଜିଲ୍ଲା କଂଗ୍ରେସ କମିଟିର ଜିଲ୍ଲା ଉପସଭାପତି ହରି ପାଢ଼ୀ, ପିସିସି ସମ୍ପାଦକ ଦିଲୀପ ଦୁରୁଆ, ଜିଲ୍ଲା ଉପ ସଭାପତି ଜିତେନ ମହାନନ୍ଦ, ହୀରାକୁଦ ଟାଉନ୍ ସଭାପତି ରବି ରାଉତ, ବୁର୍ଲା ଟାଉନ୍ ସଭାପତି ଗିରିଜା ନାଏକ, ସମ୍ବଲପୁର ଟାଉନ-୨ ସଭାପତି ଅଶୋକ ମେହେର, ସମ୍ବଲପୁର ଟାଉନ-୧ ସଭାପତି ସଞ୍ଜୀବ ଗାର୍ଡିଆ, ଜିଲ୍ଲା ସମ୍ପାଦକ ସୁନିଲ ପ୍ରଧାନ, ଏମଡି ମୁକ୍ତାର, ଜୟନ୍ତ ସାହୁ, ଚତୁର୍ଭୁଜ ଝାଙ୍କର, ଶଙ୍କର୍ଷଣ ନାଥ, ସଞ୍ଜୟ ଛୁରିଆ, ଶିବ ପ୍ରଧାନ, ଜିତୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ରେଡ୍ ପାଇଁ ଆଜି ଦରମା ଦେଇହେବନି'

ସମ୍ବଲପୁର,୩୦।୬(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବୁର୍ଲାସ୍ଥିତ ଭିମ୍‌ସାରର ଦୁଇ ଜଣ ଅଧିକାରୀଙ୍କ ଘରେ ରେଡ୍ କରିଥିଲା। ଏଥିପାଇଁ ଆଜି କାହାକୁ ଦରମା ଦେଇହେବନି ବୋଲି ଏକ ଠିକା ସଂସ୍ଥା ନିଜ କର୍ମଚାରୀଙ୍କୁ ଉତ୍ତର ରଖିଥିବା ଚର୍ଚ୍ଚା ହେଉଛି। ଠିକା କର୍ମଚାରୀ ଯୋଗାଉଥିବା ଭିମସାରର ଏକ ସଂସ୍ଥା ରେଡ୍ ପାଇଁ ଆଜି ଦରମା ଦେଇନାହିଁ। ସୂଚନା ଅନୁସାରେ ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳ ଓ ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଆୟ ବର୍ହିଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ଭିଜିଲାନ୍ସରେ ପଡିଛନ୍ତି।

## ଆସିଲେନି ଜିଲ୍ଲାପାଳ; ଅଭିଯୋଗକାରୀ ନିରାଶ

ନାକଟିଦେଉଳ,୩୦।୬(ସମିସ): ନାକଟିଦେଉଳ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଜିଲ୍ଲାପାଳ ନ ଅସିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୫୨ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଉପ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ରେଢ଼ାଖୋଲ ଏସ୍‌ଡିପିଓ ରଜନୀକାନ୍ତ ମିଶ୍ର, ନାକଟିଦେଉଳ ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ଏବଂ ବ୍ଲକ ଅଧକ୍ଷା ସ୍ୱରୂପା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭକ୍ତଙ୍କ ସୁବିଧା ପାଇଁ ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ରଥଯାତ୍ରା ସ୍ପେଶାଲ ଟ୍ରେନ

ସମ୍ବଲପୁର,୩୦।୬(ସମିସ): ରଥଯାତ୍ରା ପର୍ବ ସମୟରେ ଭକ୍ତମାନଙ୍କ ଯାତ୍ରା ସୁବିଧା ଏବଂ ଯାତ୍ରୀମାନଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକ ଯୋଡ଼ା ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ, କଣ୍ଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ଼, ସମ୍ବଲପୁର, ଅନୁଗୋଳ, ତାଳଚେର ରୋଡ, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଷ୍ଟେସନରେ ରହଣି କରିବ। ରେଳବାଇର ସୂଚନା ଅନୁଯାୟୀ, ଟ୍ରେନ୍ ନଂ ୦୮୮୦୧ ଗୋନ୍ଦିଆ ଜଙ୍କସନ-ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ, ଗୋନ୍ଦିଆ ଜଙ୍କସନରୁ ଜୁଲାଇ ୨, ୯, ୧୬ ଏବଂ ୨୯ ତାରିଖ (୪ ଥର) ଦିନ ୧୩:୩୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୧୦ ଘଟିକାରେ ପୁରୀରେ ପହଞ୍ଚିବ। ସେହିପରି, ଟ୍ରେନ୍ ନଂ ୦୮୮୦୨ ପୁରୀ-ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ, ପୁରୀରୁ ଜୁଲାଇ ୩, ୧୦, ୧୭ ଏବଂ ୩୦ (୪ ଥର) ଦିନ ୧୩:୦୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୭ ଘଟିକାରେ ଗୋନ୍ଦିଆ ଜଙ୍କସନରେ ପହଞ୍ଚିବ। ଟ୍ରେନ୍ ସମ୍ବନ୍ଧୀୟ ଅତ୍ୟାଧୁନିକ ସୂଚନା ପାଇଁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା (ଏନ୍‌ଟିଇଏସ୍) କିମ୍ବା ରେଳବାଇର ଅଫିସିଆଲ୍ ସେବାଗୁଡ଼ିକୁ ଯାଞ୍ଚ କରିପାରିବେ।

## ଜମନକିରା ଜଗନ୍ନାଥ ମନ୍ଦିରରେ ଅରୁଣ ସ୍ତମ୍ଭ ପ୍ରତିଷ୍ଠା

ଜମନକିରା,୩୦।୬(ସମିସ): ଜମନକିରା ଜଗନ୍ନାଥ ମନ୍ଦିରରେ ନବ ନିର୍ମିତ ଅରୁଣ ସ୍ତମ୍ଭ ପ୍ରତିଷ୍ଠା ହୋଇଛି। ଅଶୋକ ପାଣିଗ୍ରାହୀ, ଅଶୋକ ଦାନୀ, ସ୍ମରଣିକା ଦାନୀ, ଉମାକାନ୍ତ, ମାନସ ପାଣିଗ୍ରାହୀ, ହରିପ୍ରସାଦ ଦାନୀ, ଜମନକିରା ବିଡ଼ିଓ ରବିନ୍ଦ୍ର ସେଠୀ, ରମେଶ ସାହୁ, ମନୋଜ ମାଝୀ, ଗ୍ରାମ ଉନ୍ନୟନ କମିଟିର ସଭାପତି ସୁବାସ ସାହୁ, ଜମନକିରା ପିଇଓ ହିମାଂଶୁ ପଟେଲ, ସମ୍ପାଦକ ସ୍ନେହାଶିଷ ପଟ୍ଟନାୟକ, ଆଦିପ୍ରସାଦ ମହାକୁଲ, ସଞ୍ଜୟ ସେଠ୍, ଆନନ୍ଦ ପଧାନ, ଫିରୋଜ ମହାକୁଲ, ସନ୍ତୋଷ ମହାକୁଲ, ହରିହର ରଣା, ଅନିରୁଦ୍ଧ ବେହେରା, ଖେଡା କିସାନ, ରବି ମହାକୁଲ, ଲଳିତ ମହାକୁଲ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିଭଳି ଜମନକିରା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

## ଡାକ୍ତର ଦିବସରେ ଓମ୍‌ସାର ପ୍ରତିବାଦକୁ ସମର୍ଥନ କଲା ଜେଡିଏ

ସମ୍ବଲପୁର, ୩୦।୬ (ସମିସ) : ବୁର୍ଲାସ୍ଥିତ ଭିମସାର୍‌ର ଜୁନିଅର ଡାକ୍ତର ସଂଘ (ଜେଡିଏ) ଜୁଲାଇ ୧ ତାରିଖ ଜାତୀୟ ଡାକ୍ତର ଦିବସରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା)ର ରାଜ୍ୟବ୍ୟାପୀ ପ୍ରତିବାଦକୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହାସହ ଓମ୍‌ସାର ବୈଧ ୧୦-ସୂତ୍ରୀ ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦାବିଗୁଡ଼ିକ ପୂରଣ କରିବାକୁ ଜେଡିଏ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଇଛି।

ଜେଡିଏ ସଭାପତି ମଳୟ ରଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଦେବଦତ୍ତ ପଣ୍ଡା ଏକ ପ୍ରେସ ରିଲିଜ୍‌ରେ ଜଣାଇଛନ୍ତି ଯେ, ଡାକ୍ତର ଦିବସରେ ଓମ୍‌ସାର ରାଜ୍ୟବ୍ୟାପୀ ପ୍ରତିବାଦକୁ ଭିମସାର୍ ଜୁନିଅର ଡାକ୍ତର ସଂଘ ପୂର୍ଣ୍ଣ ସମର୍ଥନ କରୁଛି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାରେ ସରକାରୀ ଡାକ୍ତରଙ୍କ ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷା ଦେବା ପାଇଁ ୧୦-ସୂତ୍ରୀ ଦାବିପତ୍ରକୁ ଜେଡିଏ ସମର୍ଥନ କରୁଛି। ଦାବିଗୁଡ଼ିକ ମଧ୍ୟରେ - ଓଏମଏଚ୍ଏସରେ ସଂଶୋଧନ ସହିତ ଯୋଗ୍ୟତା ତାରିଖରୁ ଡିଏସିପି କାର୍ଯ୍ୟକାରୀ କରିବା ଏବଂ ଲେଭେଲ-୧୫ ପୂର୍ବସର୍ତ୍ତାବଳୀ ଉଚ୍ଛେଦ, ସମସ୍ତ ଗ୍ରେଡ୍ ପାଇଁ ପର୍ଯ୍ୟାପ୍ତ ପଦୋନ୍ନତି ସୁଯୋଗ ସୁନିଶ୍ଚିତ କରିବା ପାଇଁ କ୍ୟାଡର ପୁନର୍ଗଠନ, ବିଶେଷଜ୍ଞ, ସୁପର-ସ୍ପେଶାଲିଷ୍ଟ, ଡିପ୍ଲୋମା ଧାରକ, ପ୍ରଶାସକ ଏବଂ ପୋଷ୍ଟମର୍ଟମ ଡ୍ୟୁଟି ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ଓଏମ୍ଏଚ୍ଏସ୍ ଏବଂ ଓଏମ୍ଇଏସ୍ କ୍ୟାଡରଙ୍କ ପାଇଁ ସମାନ ସୁବିଧା ସହିତ, ସ୍ୱଚ୍ଛ ଏବଂ ସମୟ ସୀମାବଦ୍ଧ ସ୍ଥାନାନ୍ତର ନୀତି, ଡିଏସିପିର ସମ୍ପ୍ରସାରଣ, କ୍ୟାଡର ପୁନର୍ଗଠନ ଏବଂ ଡେଣ୍ଟାଲ୍ କ୍ୟାଡରଙ୍କ ପାଇଁ ପ୍ରୋତ୍ସାହନ, ନିୟମିତ ଓପିଏସ୍‌ସି ନିଯୁକ୍ତି ଏବଂ ସମୟାନୁସାରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଦୃଢ଼ ଆଇନଗତ ସୁରକ୍ଷା ଏବଂ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ଡାକ୍ତରଙ୍କ ପାଇଁ ଉନ୍ନତ ସୁରକ୍ଷା ଏବଂ ସୁରକ୍ଷା, ଆଡହକ୍ ଡାକ୍ତରଙ୍କୁ ନିୟମିତ କରିବା ଏବଂ ଡିଏସିପି ସୁବିଧା ପାଇଁ ବିଚାର ଏବଂ ସମସ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମା କଭରେଜ୍ ଆଦି ରହିଛି। ଯଦି ଦାବି ପୂରଣ ନ ହୁଏ ତେବେ ଭିମସାର ଜୁନିଅର ଡାକ୍ତର ସଂଘ ଏକତା ପ୍ରକାଶ କରି ଓମ୍‌ସା ସହିତ ଆନ୍ଦୋଳନରେ ଯୋଗଦେବ ବୋଲି ଉଲ୍ଲେଖ କରାଯାଇଛି।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବଳଦ ମୃତ

ରେଢ଼ାଖୋଲ ୩୦।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶୁଣ୍ଡିମୁଣ୍ଡା ଗ୍ରାମର ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ ଖୁଣ୍ଟରୁ ତାର ଝୁଲି ରହିଥିବାରୁ ଏକ ବଳଦ ତା' ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଛି। ବର୍ଷା ଦିନ ଯୋଗୁଁ ବିଦ୍ୟୁତ ତାର ତଳକୁ ଝୁଲି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ବିଦ୍ୟୁତ ବିଭାଗକୁ ଖବର ଦେବା ପରେ ଦୀର୍ଘ ସମୟ ଧରି ବିଭାଗୀୟ ପକ୍ଷରୁ କୌଣସି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରି କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ବଳଦର ମାଲିକ କ୍ଷତିପୂରଣ ସହ ତୁରନ୍ତ ତାର ମରାମତି ଦାବି କରିଥିଲେ।

## ଆଇଆଇଏମ୍ ସମ୍ବଲପୁରରେ ଏମ୍‌ବିଏ ବ୍ୟାଚ୍‌କୁ ସ୍ୱାଗତ



ସମ୍ବଲପୁର,୩୦।୬(ସମିସ): ଆଇଆଇଏମ୍ ସମ୍ବଲପୁର ୨୦୨୬-୨୮ ଶିକ୍ଷାବର୍ଷ ପାଇଁ ଦ୍ୱାଦଶ ଏମବିଏ ପାଠ୍ୟକ୍ରମର ୩୦୦ରୁ ଅଧିକ ଶିକ୍ଷାର୍ଥୀ ଏବଂ ଷଷ୍ଠ ଏକ୍ଜିକ୍ୟୁଟିଭ୍ ଏମବିଏ ପାଠ୍ୟକ୍ରମର ୯୦ରୁ ଅଧିକ ଶିକ୍ଷାର୍ଥୀଙ୍କୁ ନେଇ ଗଠିତ ବ୍ୟାଚ୍‌କୁ ସ୍ୱାଗତ କରିଛି। ଏମବିଏ ବ୍ୟାଚ୍‌ରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ପ୍ରତିଶତ ଛାତ୍ର ଏବଂ ୩୨ ପ୍ରତିଶତ ଛାତ୍ରୀ ୨୫ଟି ଭିନ୍ନ ଭିନ୍ନ ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି। ନୂତନ ଶ୍ରେଣୀରେ ୫୫.୩୦% ଇଞ୍ଜିନିୟରିଂ ପୃଷ୍ଠଭୂମିର ହୋଇଥିବା ବେଳେ ୪୪%ରୁ ଅଧିକ ଅଣ-ଇଞ୍ଜିନିୟରିଂ ପୃଷ୍ଠଭୂମିର ଅଛନ୍ତି। ଏଥିମଧ୍ୟରେ ବାଣିଜ୍ୟରୁ ୨୬.୭୦%, ବିଜ୍ଞାନରୁ ୧୦.୩୦%, କଳାରୁ ୫.୩୦% ଏବଂ ଅନ୍ୟାନ୍ୟ ବିଶେଷଜ୍ଞତା କ୍ଷେତ୍ରରୁ ୨.୩୦% ଛାତ୍ରଛାତ୍ରୀ ଅଛନ୍ତି। ୪୨.୩୦% ଛାତ୍ରଛାତ୍ରୀଙ୍କର ୨-୩ ବର୍ଷର କର୍ପୋରେଟ୍ ଅଭିଜ୍ଞତା ରହିଛି, ୩୨.୩୦%ଙ୍କର ୧-୨ ବର୍ଷର, ୮.୩୦%ଙ୍କର ୩-୪ ବର୍ଷର ଏବଂ ୨.୭୦% ଛାତ୍ରଛାତ୍ରୀଙ୍କର ୧ ବର୍ଷରୁ କମ୍ ଅଭିଜ୍ଞତା ରହିଛି। ସେହିପରି ୧୪.୩୦% ଫ୍ରେସର୍ସ ମଧ୍ୟ ଏହି ବ୍ୟାଚ୍‌ରେ ସାମିଲ ଅଛନ୍ତି। ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜେଏସ୍‌ୱାଲ କହିଛନ୍ତି, କର୍ପୋରେଟ୍ ଜଗତରେ ସଫଳ ହେବା ପାଇଁ, ଏମବିଏ ଛାତ୍ରଛାତ୍ରୀମାନଙ୍କୁ ପ୍ରବନ୍ଧକୀୟ ଦକ୍ଷତାର ତିନୋଟି ସ୍ତର ବିଷୟରେ ଅବଗତ ହେବା ଆବଶ୍ୟକ। ପ୍ରଥମ ସ୍ତରରେ ମୌଳିକ ବୈଷୟିକ ଦକ୍ଷତା, ଦ୍ୱିତୀୟ ସ୍ତରରେ ବ୍ୟବସାୟିକ କାର୍ଯ୍ୟକାରିତା କୌଶଳର ଆବଶ୍ୟକତା ଓ ତୃତୀୟ ସ୍ତରରେ ବୈଚାରିକ କୌଶଳ, ଯାହା ଚିନ୍ତାଧାରାର ସର୍ବୋଚ୍ଚ ସ୍ତର ଅଟେ। ଏହା ସହିତ ୫ଟି ବ୍ୟବସାୟିକ କୌଶଳ ଯଥା - ବ୍ୟବସାୟିକ ନେଟୱର୍କିଂ, ବୁଝାମଣା ବା ଆଲୋଚନା ନିଷ୍ପତ୍ତି ଗ୍ରହଣ, ଚୁକ୍ତିନାମା ଦକ୍ଷତା ଏବଂ ନବୋନ୍ମେଷର ବ୍ୟବସାୟୀକରଣ କୌଶଳ ବିଷୟରେ ଧାରଣା ରହିବା ଜରୁରୀ। ପିଡବ୍ଲ୍ୟୁସି ଇଣ୍ଡିଆର ଆଡଭାଇଜରୀ ଲିଡର୍ ଦିନେଶ ଆରୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କର୍ପୋରେଟ୍ ଜଗତର ସ୍ଥିତି ଏତେ ଦ୍ରୁତ ଗତିରେ ବଦଳୁଛି ଯେ ବ୍ୟବସାୟରେ ତିଷ୍ଠି ରହିବା ପାଇଁ କେବଳ ନବୋନ୍ମେଷ ଏବଂ ନୂତନ ପରିସ୍ଥିତି ସହ ଖାପ ଖୁଆଇବା କୌଶଳ ହିଁ ଏକମାତ୍ର ମାପଦଣ୍ଡ ପାଲଟିଛି। ନୂତନ ଏମବିଏ ବ୍ୟାଚ୍‌କୁ ପରାମର୍ଶ ଦେଇ ସେ ସ୍ପଷ୍ଟ ଭାବରେ କହିଛନ୍ତି, "କେବଳ କର୍ପୋରେଟ୍ ଢାଞ୍ଚାରେ ଫିଟ୍ ହେବା ପାଇଁ ଶିକ୍ଷା ଗ୍ରହଣ କରନ୍ତୁ ନାହିଁ। ନିଜ ଭିତରେ ସେହି ବ୍ୟାକୁଳତା ଆଣନ୍ତୁ ଏବଂ ଅନ୍ୟ କେହି ଜାଣିବା ପୂର୍ବରୁ ବଜାରର ଟ୍ରେଣ୍ଡ ବା ଧାରାକୁ ଆବିଷ୍କାର କରନ୍ତୁ ବୋଲି ସେ କହିଥିଲେ।

## ସଂକେତ ସାହୁ ମୃତ୍ୟୁ ଘଟଣା ତଦନ୍ତକୁ ନେଇ ଅସନ୍ତୋଷ

ସମ୍ବଲପୁର, ୩୦।୬ (ସମିସ) : ଭିମସାର ବୁର୍ଲାରେ ଚିକିତ୍ସିତ ହେଉଥିବା ଯୁବକ ସଙ୍କେତ ସାହୁଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ପରିବାର। ଘଟଣାର ତଦନ୍ତ କରି ମାସକ ମଧ୍ୟରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଭିମସାରର ଅନ୍ତରୀଣ ତଦନ୍ତ ଏବଂ ଡିଏମ୍‌ଇଟି ତଦନ୍ତକୁ ନେଇ ପରିବାରକୁ ଅବଗତ କରି ନ ଥିବାବେଳେ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ। ଏନେଇ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ପରିବାର ପକ୍ଷରୁ ନ୍ୟାୟ ଦାବି କରିଛନ୍ତି। ଜିଲ୍ଲାପାଳ ସମ୍ବଲପୁର ସିଡିଏମ୍‌ଓଙ୍କୁ ପୁନଃତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି।

ପରିବାରବର୍ଗଙ୍କ କହିବା ଅନୁଯାୟୀ, ଗତ ମେ ମାସରେ ସଂକେତ ସାହୁ ନାକର ଏକ ମାଂସ ପିଣ୍ଡୁଳା ସମସ୍ୟା ନେଇ ଭିମସାରକୁ ଯାଇଥିଲେ। ରିପୋର୍ଟ ଯାଞ୍ଚ କରିବା ସମୟରେ ଡାକ୍ତର ସମସ୍ତ ରିପୋର୍ଟ




ଠିକ୍ ଥିବା କହିବାସହ ଅପରେସନ୍ କରିଥିଲେ। ଦିନକ ପରେ ସଂକେତଙ୍କ କିଡ୍‌ନି, ଫୁସଫୁସ ଆଦି ସମସ୍ତ ଅଙ୍ଗ ଫେଲ୍ କରିଯାଇଥିବା ଡାକ୍ତର କହିଥିଲେ। ଅସ୍ତ୍ରୋପଚାର ପୂର୍ବରୁ ହୋଇଥିବା ସମସ୍ତ ଡାକ୍ତରୀ ପରୀକ୍ଷଣରେ ସଂକେତଙ୍କ କୌଣସି ପ୍ରକାର ସ୍ୱାସ୍ଥ୍ୟଗତ ଜଟିଳତା ନ ଥିବା ଜଣାପଡ଼ିଥିବାବେଳେ ଅସ୍ତ୍ରୋପଚାର ପରେ କ'ଣ ଏମିତି ହେଲା ଯେ ତାଙ୍କ କିଡ୍‌ନି, ଫୁସଫୁସ ଆଦି ଶରୀରର ସମସ୍ତ ଅଙ୍ଗ ଗୁଡ଼ିକ ହଠାତ୍ ଖରାପ ହୋଇଗଲା ବୋଲି ପରିବାର ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ଘଟଣା ପରେ ତଦନ୍ତ କରିବାକୁ ଆସିଥିବା ଡିଏମ୍‌ଇଟି ମୃତକଙ୍କ ପରିବାରର ପକ୍ଷ ଶୁଣିବା କଥା କିନ୍ତୁ ସେମାନଙ୍କୁ ସୂଚନା ମଧ୍ୟ ଦିଆଗଲାନାହିଁ। ଆଜି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାବେଳେ ସଂକେତଙ୍କୁ ନ୍ୟାୟ ଦାବିରେ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇଥିଲା।

## ଟ୍ରଲର ସହ ପିକ୍‌ଅପ୍ ମୁହାଁମୁହିଁ ଧକ୍କା

ରେଢ଼ାଖୋଲ,୩୦।୬(ସମିସ): ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହର ତାରିଣୀ ଢାବା ନିକଟସ୍ଥ ବୁଲାଣି ରାସ୍ତାରେ ଏକ ଟ୍ରଲର୍ ସହ ଏକ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡ଼ିର ସାମ୍ନା ବମ୍ପର ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ୨ ଗାଡ଼ିର ଡ୍ରାଇଭର୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିକଅପ୍‌ର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଯାଇଥିଲେ। ଖବର ପାଇ ରେଢ଼ାଖୋଲ ଅଗ୍ନିଶମ ବାହିନୀ ଓ ରେଢ଼ାଖୋଲ ପୋଲିସ ପହଞ୍ଚି ଉଭୟ ଟ୍ରଲର୍ ଡ୍ରାଇଭର ଓ ପିକଅପ୍ ଡ୍ରାଇଭର୍‌ଙ୍କୁ କଟର୍ ସହାୟତାରେ କାଟି ସୁରକ୍ଷିତ ଅବସ୍ଥାରେ ବାହାର କରିଥିଲେ। ଉଭୟ ଚାଳକଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

## ସଂକୁଳ ସାମୂହିକ କାର୍ଯ୍ୟଶାଳା ଉଦ୍‌ଯାପିତ

ସମ୍ବଲପୁର, ୩୦।୬ (ସମିସ): ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ବୁର୍ଲା ସଂକୁଳର ସାମୂହିକ କାର୍ଯ୍ୟଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀନିବାସ ପଣ୍ଡା ଯୋଗଦେଇ ଭାରତ କେନ୍ଦ୍ରିତ ଶିକ୍ଷଣ ଅଧିଗମ ପ୍ରକ୍ରିୟା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଅଶୋକ କୁମାର ପଣ୍ଡା ଶିଶୁଙ୍କ ଉନ୍ନତିରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଂକୁଳ ସଂଯୋଜକ ପ୍ରତାପ ନାୟକ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର



ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଅଜିତ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଉପସ୍ଥିତ ଥିଲେ। ପ୍ରାତଃବନ୍ଦନାରେ ହିଣ୍ଡାଲକୋର ସିଏସ୍‌ଆର୍ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟଶାଳାରେ ସଂକୁଳର ୭ଟି ବିଦ୍ୟାଳୟରୁ ୧୪୫ ଜଣ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳ, ଜଗବନ୍ଧୁ ବେହେରା, ପ୍ରଶାନ୍ତ ଜେନା, କଳ୍ପନା ପ୍ରଧାନ, ରୀତା ବେହେରା, ଫଗନୁ ବାରିକ, ସନ୍ତୋଷିନୀ ନାୟକ, ସ୍ନିଗ୍ଧାମୟୀ ପାଣିଗ୍ରାହୀ, କମଳା ପୃଷ୍ଟି ଶୈକ୍ଷିକ କଳାଂଶ ଗୁଡ଼ିକ ପରିଚାଳନା କରିଥିଲେ।

## ପିସିସିଏଫ୍‌ଙ୍କୁ ଭେଟିଲା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ

ସମ୍ବଲପୁର, ୩୦।୬ (ସମିସ) :

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଅରଣ୍ୟ ଭବନଠାରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍)ଙ୍କୁ ସାକ୍ଷାତ କରି କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଥିଲା ଯେ, କେନ୍ଦୁପତ୍ର କ୍ରୟ ଦର ଏପର୍ଯ୍ୟନ୍ତ ପ୍ରତି କେରି ୧.୬୦ ଟଙ୍କାରେ ସ୍ଥିର ରହିଛି। ସେହିପରି ବାର୍ଷିକ ବୋନସ ଫେବୃଆରୀ / ମାର୍ଚ୍ଚ ମାସରେ ପ୍ରଦାନ କରାଯିବାର ପରମ୍ପରା ଥିବାବେଳେ ଚଳିତବର୍ଷ ଜୁନ ଶେଷ ସୁଦ୍ଧା ତାହା ପ୍ରଦାନ କରାଯାଇନାହିଁ। ଗତବର୍ଷ ବୋନସ ହାର ହ୍ରାସ କରାଯାଇଥିଲେ ମଧ୍ୟ ସେହି ପ୍ରାପ୍ୟ ଏବର୍ଷ ଜୁନ ଶେଷ ସୁଦ୍ଧା ମିଳିନଥିବାରୁ ଶ୍ରମିକମାନଙ୍କ ମଧ୍ୟରେ



ଅସନ୍ତୋଷ ବଢ଼ିଛି। ଏହାସହ ସିଜିନାଲ କର୍ମଚାରୀଙ୍କ ମଜୁରୀକୁ ସର୍ବନିମ୍ନ ମଜୁରୀ ଅନୁଯାୟୀ ସଂଶୋଧନ କରାଯାଇନଥିବା ଏବଂ ଜୁଲାଇ ୨୦୨୪ ପରଠାରୁ ମଜୁରୀ ବୃଦ୍ଧି ହୋଇନଥିବା ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା।

କେନ୍ଦୁପତ୍ର ଉନ୍ନୟନ ବୋର୍ଡ (କେଏଲ୍‌ଡିବି)ର ବୈଠକ ଏପର୍ଯ୍ୟନ୍ତ ଆହ୍ୱାନ କରାଯାଇ ନଥିବାରୁ କ୍ରୟ ଦର, ବୋନସ, ମଜୁରୀ ସଂଶୋଧନ ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଳମ୍ବିତ ହେଉଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଥିଲା। ସଂଘ ପକ୍ଷରୁ ପିସିସିଏଫ୍‌ଙ୍କୁ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ତ ବକେୟା ପ୍ରାପ୍ୟ ଏକ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହାସହ ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ସଂଘର ଉପସଭାପତି ଗୋକୁଳ ମେହେର, ସଂଗଠନ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ସହ-ସାଧାରଣ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା ଏବଂ ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ମିଳନ ହୋତା ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।



## ସାରନଗରୀ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଏବଂ ଶ୍ରୀ ଜୀଉଙ୍କ ହାତୀ ବେଶ

● ରାଉରକେଲା ପୁଲିସ ଜିଲ୍ଲା

## ଇନ୍ସପେକ୍ଟରସ୍ତରରେ ବଡ଼ ଅଦଳବଦଳ

**ରାଉରକେଲା,୩୦।୬(ସମିସ):** ରାଉରକେଲା ପୁଲିସ ଜିଲ୍ଲାରେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନଙ୍କ ମଧ୍ୟରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଇନ୍ସପେକ୍ଟର ପ୍ରଭା ସିମରନ ସିଂହଙ୍କୁ ରଘୁନାଥପାଲି ଥାନାର ଅତିରିକ୍ତ ଆଇଆଇସି ପଦରୁ ଉଦିତନଗର ଥାନାର ଆଇଆଇସି ଭାବେ ନିଯୁକ୍ତ କରାଯାଇଥିବା ବେଳେ ଇନ୍ସପେକ୍ଟର ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ଉଦିତନଗର ଥାନାରୁ ଟ୍ରାଫିକ୍ ଆଉଟ୍‌ପୋଷ୍ଟକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ବିଜୟ କୁମାର ସିଂହଙ୍କୁ ଛେଣ୍ଡ ଥାନାରୁ ଗୁରୁଣ୍ଡିଆ ଥାନାର ଆଇଆଇସି, ଇନ୍ସପେକ୍ଟର ପ୍ରତିଭା ମଞ୍ଜରୀ ସାହୁଙ୍କୁ ସିସି ଆଣ୍ଡ ଇଓ ପିଏସ୍‌ରୁ ଝିରପାଣି ଥାନାର ଆଇଆଇସି, ଇନ୍ସପେକ୍ଟର ସବିତା ପାତ୍ରଙ୍କୁ ଲହୁଣୀପଡ଼ା ଥାନାର ଆଇଆଇସି, ଇନ୍ସପେକ୍ଟର ପ୍ରଶାନ୍ତ ପ୍ରଧାନଙ୍କୁ ଲାଠିକଟା ଥାନାର ଆଇଆଇସି ଏବଂ ଇନ୍ସପେକ୍ଟର ରାମେଶ୍ୱର ସିଂହଙ୍କୁ ଟିକାୟତପଲ୍ଲୀ ଥାନାର ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିପରି ଇନ୍ସପେକ୍ଟର ପ୍ରଦୀପ କୁମାର ନାୟକଙ୍କୁ ଝିରପାଣି ଥାନାରୁ ସେକ୍ଟର-୩ ଥାନାର ଆଇଆଇସି, ଇନ୍ସପେକ୍ଟର ଖିତିଶ ଚନ୍ଦ୍ର ପାତ୍ରଙ୍କୁ ଟ୍ରାଫିକ୍ ଆଉଟ୍‌ପୋଷ୍ଟରୁ ଛେଣ୍ଡ ଥାନାର ଆଇଆଇସି ଏବଂ ଇନ୍ସପେକ୍ଟର ବିକ୍ରମ କୁମାର ଭୂୟାଁଙ୍କୁ ସେକ୍ଟର-୩ ଥାନାରୁ ସିସି ଆଣ୍ଡ ଇଓ ପିଏସ୍‌କୁ ବଦଳି କରାଯାଇଛି। ଏହାଛଡ଼ା ଇନ୍ସପେକ୍ଟର ଜ୍ୟୋତି ରଞ୍ଜନ ପତିଙ୍କୁ ମୁଖ୍ୟାଳୟରୁ ସିସି ଆଣ୍ଡ ଇଓ ପିଏସ୍‌କୁ ଏବଂ ଇନ୍ସପେକ୍ଟର ସୁଜାତା ମଲ୍ଲିକଙ୍କୁ ଗୁରୁଣ୍ଡିଆ ଥାନାରୁ ଆର୍.ଏନ୍. ପଲ୍ଲୀ ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି।

■ ମରାମତି ବେଳେ ଅଘଟଣ

## ଡିଜେଲ ଟାଙ୍କିରେ ବିସ୍ଫୋରଣ ପରେ ଜଳିଗଲା ଟ୍ରକ୍

**ରାଉରକେଲା,୩୦।୬(ସମିସ):** ରାଉରକେଲାର ବେଦବ୍ୟାସ ଅଞ୍ଚଳରେ ସୋମବାର ଏକ ଟ୍ରକ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ସୁନୟନା ମେଟାଲ୍ ନିକଟରେ ମରାମତି ଚାଲିଥିବା ବେଳେ ଟ୍ରକ୍‌ର ଡିଜେଲ୍ ଟାଙ୍କି ବିସ୍ଫୋରଣ ହେବାରୁ ଟ୍ରକ୍‌ଟି ହୁ ହୁ ହୋଇ ଜଳି ଯାଇଥିଲା। ସର୍ଟସର୍କିଟ୍ ଯୋଗୁଁ ଡିଜେଲ୍ ଟାଙ୍କିରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ଓ ପଥଚାରୀମାନେ ଜୀବନ ବଞ୍ଚାଇବା ପାଇଁ ନିରାପଦ ସ୍ଥାନକୁ ଦୌଡ଼ି ପଳାଇଥିଲେ।



ଅଗ୍ନିଶମ ବିଭାଗର ଏକାଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ନିକଟସ୍ଥ ଗାଡ଼ି ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ୟାପିବା ପୂର୍ବରୁ ରୋକା ଯାଇପାରିଥିଲା। ଘଟଣା ପରେ ବେଦବ୍ୟାସ ଛକରେ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇଥିବାରୁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବ୍ୟାହତ ହୋଇଥିଲା। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ମୃତାହତ ହୋଇନାହିଁ।

## ଛେଣ୍ଡ କଲୋନୀରେ ଜବରଦଖଲ ଉଚ୍ଛେଦ ଜୋର୍‌ଦାର

**ରାଉରକେଲା,୩୦।୬(ସମିସ):** ବର୍ଷା ଋତୁରେ ବାରମ୍ବାର ଜଳବନ୍ଦୀ ସମସ୍ୟାକୁ ଦୂର କରିବା ଲକ୍ଷ୍ୟରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ମଙ୍ଗଳବାର ଛେଣ୍ଡ କଲୋନି ଅଞ୍ଚଳରେ ଡ୍ରେନ୍ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି।



୧୭ଟି ସ୍ଥାନରୁ ଡ୍ରେନ୍ ଉପରେ ହୋଇଥିବା ବେଆଇନ ଜବରଦଖଲ ହଟାଯାଇଛି। ଏହାପୂର୍ବରୁ ସିଭିଲ୍ ଟାଉନସିପ୍ ଅଞ୍ଚଳର ପ୍ରମୁଖ ଡ୍ରେନ୍ ଉପରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରି ଡ୍ରେନେଜ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ମଧ୍ୟ ସମାନ ଅଭିଯାନ ଚଳାଯାଇଥିଲା। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପର୍ଯ୍ୟାୟକ୍ରମେ ଏଭଳି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ମହାନଗର ନିଗମ କହିଛି। ଏହାଦ୍ୱାରା ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିବା ସହ ବର୍ଷା ଦିନରେ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାକୁ ଅନେକାଂଶରେ ରୋକାଯାଇପାରିବ।

# ଡିଜିଟାଲ୍ ଆରେଷ୍ଟ କରି ଠକେଇ; ମୁମ୍ବାଇରୁ ୨ ଗିରଫ

**ରାଉରକେଲା,୩୦।୬(ସମିସ):**

"ଡିଜିଟାଲ୍ ଆରେଷ୍ଟ' କରି ୧୪ ଲକ୍ଷ ୩୬ ହଜାର ଟଙ୍କାର ଠକି ନେଇଥିବା ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ରାଉରକେଲା ପୁଲିସ। ଘଟଣାରେ ପୁଲିସ ମୁମ୍ବାଇରୁ ୨ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁମ୍ବାଇ କାନ୍ଦିଭାଲି (ପୂର୍ବ) ସେକ୍ଟର-୬ ସ୍ଥିତ ବେବ୍ରାଇ ବିଲ୍ଡିଂ ସିଏଚ୍‌ଏସ୍‌ର ବାସିନ୍ଦା ନୟନ ଲଳିତ ନାଥୱାନୀ (୪୭) ଓ କାନ୍ଦିଭାଲିର ପୋଇସର ଅଞ୍ଚଳର ବାସିନ୍ଦା ଧବଲ ପରେଶ ପାଣ୍ଡ୍ୟା (୩୫)। ନାଥୱାନୀ ଜିଏସ୍‌ଟି ବ୍ରୋକର ଭାବେ କାର୍ଯ୍ୟ କରୁଥିବା ବେଳେ ପଣ୍ଡ୍ୟା ଜଣେ ଫ୍ରିଲାନ୍ସ ସଙ୍ଗୀତଜ୍ଞ (ଡ୍ରମର୍) ସହ ଜିଏସ୍‌ଟି ବ୍ରୋକର ଭାବେ ମଧ୍ୟ କାମ କରନ୍ତି। ଏ ନେଇ ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।



ସୂଚନା ଅନୁଯାୟୀ, ଡିଜିଟାଲ ଆରେଷ୍ଟ ମାଧ୍ୟମର ସାଇବର ଠକେଇ କରି ଉକ୍ତ ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା। ଏହି ଖାତାଗୁଡ଼ିକ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟର ଏକାଧିକ ସାଇବର ଠକେଇ ମାମଲା ସହ ସମ୍ପୃକ୍ତ ଥିବାରୁ ଏହା ପଛରେ ଏକ ସଂଗଠିତ ଆନ୍ତଃରାଜ୍ୟ ସାଇବର ଅପରାଧୀ ରାକେଟ ସକ୍ରିୟ ଥିବା ସନ୍ଦେହ କରି ତଦନ୍ତ ଆରମ୍ଭ ହୋଇଥିଲା। ପ୍ରମାଣ ଓ ଟଙ୍କା ଗ୍ରହଣ କରିଥିବା ବ୍ୟାଙ୍କ ଖାତାଗୁଡ଼ିକର ବୈଷୟିକ ବିଶ୍ଳେଷଣ ପରେ ଅଭିଯୁକ୍ତ ଦ୍ୱୟଙ୍କ ଚିହ୍ନଟ କରାଯାଇଥିଲା। ଏହାପରେ ରାଉରକେଲା ପୁଲିସର ଦୁଇଟି ସ୍ୱତନ୍ତ୍ର ଟିମ୍ ମୁମ୍ବାଇ ଯାଇ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରିଥିଲେ। ରାକେଟର ଅନ୍ୟ ସଦସ୍ୟଙ୍କୁ ଚିହ୍ନଟ ପାଇଁ ଓ ଆର୍ଥିକ କାରବାରର

### ଠକି ନେଇଥିଲେ ୧୪.୩୬ ଲକ୍ଷ ଟଙ୍କା

ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଜାରି ରହିଛି। ରାଉରକେଲା ପୁଲିସ ସାଧାରଣ ଲୋକଙ୍କୁ "ଡିଜିଟାଲ୍ ଆରେଷ୍ଟ' ନାମରେ ହେଉଥିବା ସାଇବର ଠକେଇ ପ୍ରତି ସତର୍କ ରହିବାକୁ ସେ ଅନୁରୋଧ କରିଥିଲେ। ଏଭଳି କୌଣସି ଘଟଣାର ସମ୍ମୁଖୀନ ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ୍‌କୁ କଲ୍ କରିବାକୁ କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ ମାଧ୍ୟମରେ ଅଭିଯୋଗ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

## ପ୍ଲାଷ୍ଟିକ୍ ବର୍ଜ୍ୟ ଏସ୍‌ଓପି ଉପରେ ପ୍ରଶିକ୍ଷଣ

**ରାଉରକେଲା, ୩୦।୬(ସମିସ):** ରାଉରକେଲା ମହାନଗର ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆଜି ବାଲୁଘାଟ ସ୍ଥିତ ମ୍ୟାଟେରିଆଲ୍ ରିକଭରୀ ଫେସିଲିଟି ସେଣ୍ଟରରେ ପ୍ଲାଷ୍ଟିକ୍ ବର୍ଜ୍ୟର ମୂଲ୍ୟାଙ୍କନ ଓ ପୃଥକୀକରଣ ନିର୍ଦ୍ଧାରଣ ପାଇଁ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଆରଏମସିର ଡେପୁଟି କମିଶନର ଅନିତା ନାୟକ ଯୋଗ ଦେଇ ସ୍ଥିତି ଅନୁଧ୍ୟାନ କରିଥିଲେ।



ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ ମଲ୍ଲିକ କହିଛନ୍ତି ଯେ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଅନୁଯାୟୀ ପ୍ରତି ବର୍ଜ୍ୟ ପ୍ରକ୍ରିୟାକରଣକୁ ଆସୁଥିବା ପ୍ଲାଷ୍ଟିକର ବୈଜ୍ଞାନିକ ମୂଲ୍ୟାଙ୍କନ ଓ ପୃଥକୀକରଣ ବାଧ୍ୟତାମୂଳକ। ଏହି ଏସଓପି ଦ୍ୱାରା ସହରର ପ୍ଲାଷ୍ଟିକ୍ ବର୍ଜ୍ୟର ପ୍ରକାର, ପରିମାଣ ଓ ଉତ୍ସ ବିଷୟରେ ସଠିକ୍ ଡାଟା ମିଳି ମିଳିବ।

ପ୍ରଶିକ୍ଷଣର ମୁଖ୍ୟ ଦିଗ ହେଲା କ୍ୱାର୍ଟରିଂ ପଦ୍ଧତିରେ ୧୨୦ କେଜି ନମୂନା ନେବା ଓ ତାହାକୁ ପୃଥକୀକରଣ କରିବା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ଅଲଗା କରିବା, ପ୍ରତି ଶ୍ରେଣୀର ଓଜନ ପ୍ରତିଶତ ବାହାର କରି ଡାଟାସିଟ୍‌ରେ ଲିପିବଦ୍ଧ କରିବା। ଯାହାଦ୍ୱାରା କେନ୍ଦ୍ରର କର୍ମଚାରୀମାନେ ବ୍ୟବହାରିକ ଅଭ୍ୟାସ ଜାରି ରଖି ପାରିବେ। ଏହି ଡାଟା ମାସିକ ରିପୋର୍ଟ ଆକାରରେ ଏସପିସିବି ଏବଂ ଇପିଆର ପୋର୍ଟାଲକୁ ଯାଇପାରିବ। ଏହାଦ୍ୱାରା ରାଉରକେଲାରେ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଓ କୋ-ପ୍ରୋସେସିଂ ପାଇଁ ଠିକ୍ ଯୋଜନା ହୋଇପାରିବ।

ଏସପିସିବିର ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ ଏହି ତାଲିମ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଉପ ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ରଶେଖର ଚୌହ୍ୱାନ ଓ ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି ଉପସ୍ଥିତ ରହି ପ୍ରକ୍ରିୟାକରଣ ଓ ଡାଟା ନର୍ଦ୍ଧାରଣ କରିଥିଲେ। ଶିବିରରେ ୨୫ ଜଣ ସ୍ୱଚ୍ଛତା କର୍ମୀ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ଆର୍‌ଏସ୍‌ପି ଓ ଲେକ୍ଲର ଇଣ୍ଡିଆ ମଧ୍ୟରେ ଏମଓୟୁ




**ରାଉରକେଲା,୩୦।୬(ସମିସ):** ରାଉରକେଲା ଇସ୍ପାତ କାରଖାନା ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ କାରଖାନାର ପ୍ରମୁଖ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଶୀତଳୀକରଣ ପ୍ରକ୍ରିୟାରେ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ)ଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଅନିଲ କୁମାର ଏବଂ ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଏସ୍. ଏସ୍. ରୟ ଚୌଧୁରୀ ଉପସ୍ଥିତରେ ଏହା ସ୍ୱାକ୍ଷରିତ ହୋଇଥିଲା। ଆରଏସପି ପକ୍ଷରୁ ମୁଖ୍ୟ ମହା ପ୍ରବନ୍ଧକ (ଏମ୍‌ଏମ୍) ଟି. ବିନୋଦ ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ଏସ୍. ପଟ୍ଟନାୟକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ହେଉଛି ଉକ୍ତ ଅତ୍ୟାବଶ୍ୟକ ସ୍ପେୟାର୍ ପାର୍ଟସ୍‌ର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରି କାର୍ଯ୍ୟ ପରିଚାଳନାର ଦକ୍ଷତା ବୃଦ୍ଧି, ଉତ୍ପାଦନରେ ଉନ୍ନତି ଏବଂ ବ୍ୟୟ-ଦକ୍ଷ କାର୍ଯ୍ୟ ପରିଚାଳନାକୁ ସମର୍ଥନ କରିବା। ତିନି ବର୍ଷ ଅବଧି ପାଇଁ ବୈଧ ଏହି ଚୁକ୍ତି ଅନୁଯାୟୀ ଆରଏସପିର ଷ୍ଟିଲ୍ ମେଲ୍ଟିଂ ଶପ୍-୨, ହଟ୍ ଷ୍ଟ୍ରିପ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍, ବ୍ଲାଷ୍ଟ ଫର୍ନେସ୍ ଏବଂ କୋକ୍ ଓଭେନ୍ ସମେତ ବିଭିନ୍ନ ୟୁନିଟ୍‌କୁ ଲେକ୍ଲରର ବିଭିନ୍ନ ପ୍ରକାରର ସ୍ପ୍ରେ ନୋଜଲ୍ ଯୋଗାଇ ଦିଆଯିବ।

● ଏନ୍‌ଆଇଟି ରାଉରକେଲାର ଗବେଷକଙ୍କ ସଫଳତା

## କ୍ଷତ ଚିକିତ୍ସା ପାଇଁ ସ୍ମାର୍ଟ ଉଣ୍ଡ ଡ୍ରେସିଂ ବିକଶିତ



**ରାଉରକେଲା,୩୦।୬(ସମିସ):** ରକ୍ତସ୍ରାବ ଓ କ୍ଷତର ଯତ୍ନ ନେବା କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛନ୍ତି ଏନ୍‌ଆଇଟି ରାଉରକେଲାର ଗବେଷକମାନେ। ସଂସ୍ଥାର ଜୈବ ପ୍ରଯୁକ୍ତି ଓ ଚିକିତ୍ସା ଯାନ୍ତ୍ରିକ ବିଭାଗର ସହକାରୀ ପ୍ରଫେସର ପ୍ରସୂନ କୁମାରଙ୍କ ନେତୃତ୍ୱରେ ଏକ ସ୍ମାର୍ଟ ଉଣ୍ଡ ଡ୍ରେସିଂ ବିକଶିତ କରାଯାଇଛି।



ସୂଚନାଯୋଗ୍ୟ ଯେ, ସାଧାରଣତଃ କପାର ଗଜ୍ ବ୍ୟାଣ୍ଡେଜ୍ କ୍ଷତ ଡ୍ରେସିଂ ପାଇଁ ବ୍ୟବହୃତ ହୋଇଥାଏ। ଯାହାକି ରକ୍ତ ଓ କ୍ଷତରୁ ବାହାରୁଥିବା ତରଳ ପଦାର୍ଥ ଶୋଷଣ କରିଥିଲେ ମଧ୍ୟ ସଂକ୍ରମଣ ରୋକିବା କିମ୍ବା ଡ୍ରେସିଂ ବଦଳ ସମୟରେ ହେଉଥିବା ଯନ୍ତ୍ରଣାକୁ କମାଇ ପାରି ନଥାଏ। ଏନଆଇଟି ରାଉରକେଲାର ଗବେଷକମାନେ ଚିଟୋସାନ୍ ଆବରଣଯୁକ୍ତ କପା ଗଜ୍ ସହ ଇଲେକ୍ଟ୍ରୋସ୍ପନ୍ ନାନୋଫାଇବର୍ ସ୍ତରକୁ ସଂଯୋଜନ କରି ଏହି ସ୍ମାର୍ଟ ଡ୍ରେସିଂ ପ୍ରସ୍ତୁତ କରିଛନ୍ତି। ଏହି ନାନୋଫାଇବର୍ ସ୍ତରରେ ପ୍ରାକୃତିକ ଜୀବାଣୁନାଶକ ଗୁଣସମ୍ପନ୍ନ କର୍କୁମିନ୍ ଭର୍ତ୍ତି କରାଯାଇଛି। ଏହା କ୍ଷତ ଓ ଗଜ୍ ମଧ୍ୟରେ ଏକ ସୁରକ୍ଷା ସ୍ତର ସୃଷ୍ଟି କରିଥାଏ, ଫଳରେ ଡ୍ରେସିଂ ବଦଳ ସମୟରେ କ୍ଷତସ୍ଥାନରେ ଲାଗି ରହିବାର ସମ୍ଭାବନା କମିଯାଏ ଓ ନୂଆ ଟିସୁ କ୍ଷତିଗ୍ରସ୍ତ ହୁଏନାହିଁ। ଏହା ସହିତ ନାନୋଫାଇବର୍‌ରୁ କର୍କୁମିନ୍ ଧୀରେ ଧୀରେ କ୍ଷତସ୍ଥାନକୁ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଔଷଧ ଯୋଗାଇଥାଏ। ଏହା କ୍ଷତ ସ୍ଥାନକୁ ସଂକ୍ରମଣମୁକ୍ତ ରଖିବା ସହ ବାରମ୍ବାର ଡ୍ରେସିଂ ପରିବର୍ତ୍ତନ ଓ ଅତିରିକ୍ତ ଔଷଧର ଆବଶ୍ୟକତାକୁ ମଧ୍ୟ କମାଇଥାଏ। ଏନେଇ ପ୍ରଫେସର ପ୍ରସୂନ କୁମାର କହିଛନ୍ତି ଯେ, ବିକଶିତ ଡ୍ରେସିଂ ପ୍ରଚଳିତ କପା ଗଜ୍ ତୁଳନାରେ କ୍ଷତସ୍ଥାନରେ କମ୍ ଲାଗି ରହୁଥିବା ଦେଖାଯାଇଛି। ନାନୋଫାଇବର୍ ସ୍ତରରୁ ଧୀରେ ଧୀରେ ନିର୍ଗତ ହେଉଥିବା କର୍କୁମିନ୍ ଜୀବାଣୁ ବିରୋଧୀ ସୁରକ୍ଷା ଦେବା ସହ କୋଷ ବୃଦ୍ଧି ଓ ନୂତନ ଟିସୁ ଗଠନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଗବେଷଣାରେ ପ୍ରଫେସର ଦେବେନ୍ଦ୍ର ବର୍ମା, ପ୍ରଫେସର ଇଆରୁ ବାନୋଥ୍ ଏବଂ ଗବେଷକ ସ୍ୱାଗତିକା ବାରିକ, ରିକା ରାଣୀ ପ୍ରଧାନ, ଶିଖା ତ୍ରିପାଠୀ ଓ ସମାଦୃତା ରାୟ ସହଯୋଗ କରିଥିବା ଜଣାପଡିଛି।

## ଆଇଜିଏଚ୍‌ରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ




**ରାଉରକେଲା,୩୦।୬(ସମିସ):** ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ଇସ୍ପାତ ଜେନେରାଲ ହସ୍ପିଟାଲ ଠାରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇଜିଏଚ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ମେଘରାୟ ମାଝୀ, ଏସିଏମଓ (ମେଡିକାଲ) ଡାକ୍ତର ସୁଶୀଲ କୁମାର, ଏସିଏମଓ ଡାକ୍ତର ଅର୍ଚ୍ଚନା ବେହେରା, ରୋଟାରିଆନ୍ ଡାକ୍ତର ଆର. ଏନ୍. ଶତପଥୀ, ଆଇଜିଏଚ୍ ର ଡାକ୍ତର, ନର୍ସ ଓ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀ ଏବଂ ଶିଶୁମାନଙ୍କର ପିତାମାତା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଇସ୍ପାତ ସହରାଞ୍ଚଳରେ ସ୍ଥାପନ କରାଯାଇଥିବା ବିଭିନ୍ନ ବୁଥ୍‌ରେ ପଲ୍ସ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। କେବଳ ଆଇ.ଜି.ଏଚ୍ ରେ ହିଁ ୨୯୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା।



## ବସ୍-ହାଇୱା ଧକ୍କା; ଜଣେ ଗୁରୁତର

**ବଣାଇଁ,୩୦।୬(ସମିସ):** ବଣାଇଁ ଥାନା ବାରକୋଟ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଇନ୍ଦ୍ରପୁର କ୍ରସର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଓ ହାଇୱା ମଧ୍ୟରେ ଧକ୍କା ହେବାରୁ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରୁ ବାବା ଚନ୍ଦ୍ରଶେଖର (ଓଡି-୧୯ଏ-ଏ୪୬୧୯) ନାମକ ଯାତ୍ରୀବାହୀ ବସ୍‌ରେ ପ୍ରାୟ ୩୮ ଜଣ ଯାତ୍ରୀ ନେପାଳ ଭ୍ରମଣ ସାରି ଫେରୁଥିଲେ। ସନ୍ଧ୍ୟାରେ ଇନ୍ଦ୍ରପୁର ନିକଟରେ ଥିବା ଏକ କ୍ରସରରୁ ବାହାରୁଥିବା ଏକ ହାଇୱା (ସିଜି-୧୦ଏ-ଏସ-୮୯୪୮) ରାସ୍ତାକୁ ଆସି ବସ୍‌ଟିକୁ ଧକ୍କା ଦେଇଥିଲା। ବସରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଅଧ୍ୟାପକ ଗୁରୁତର

**ଲହୁଣୀପଡ଼ା,୩୦।୬(ସମିସ):** କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ନନ୍ଦାପଡା ନିକଟରେ ଏକ ବାଇକ ଦୁର୍ଘଟଣାରେ ଲହୁଣୀପଡ଼ା କଲେଜର +୩ କଳାର ଶିକ୍ଷା ବିଭାଗ ଅଧ୍ୟାପକ ନିହାର ରଞ୍ଜନ ମାହାନ୍ତ ଗୁରୁତର ହୋଇଛନ୍ତି। ସେ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ନନ୍ଦାପଡା ନିକଟରେ ପଛପଟରୁ ଆସୁଥିବା ଅନ୍ୟ ଏକ ବାଇକ ଧକ୍କା ଦେବାରୁ ଡିଭାଇଡରରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

# ଯୁବବର୍ଗଙ୍କ ନିଯୁକ୍ତି ସାମର୍ଥ୍ୟକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

**ରାଉରକେଲା,୩୦।୬(ସମିସ):**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଦକ୍ଷତା ବିକାଶ ପଦକ୍ଷେପ ଗ୍ରହଣ ସ୍ୱରୂପ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିଛି। ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସୋସାଇଟି (ଏସ୍‌ଇଇଡିଏସ୍) ସହିତ ଭାଗିଦାରୀରେ କାର୍ଯ୍ୟକାରୀ ହୋଇଥିବା, ବେଦକ୍ଷତା ହେଉଛି ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ ଯାହା ଗ୍ରାମୀଣ ଯୁବବର୍ଗଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି।

ସଂରଚିତ ତାଲିମ, ଶିଳ୍ପ ସଂସ୍ଥା ପରିଦର୍ଶନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ କୌଶଳ ସହିତ ସଜ୍ଜିତ କରେ। ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ କୌଶଳ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ, ଏହା ଖାଦ୍ୟ ଏବଂ ପାନୀୟ ସେବା, ସିଲେଇ ମେସିନ୍ ଚଳାଇବା ଏବଂ ସହକାରୀ ବିଦ୍ୟୁତ କାରିଗରଙ୍କ କ୍ଷେତ୍ରରେ ବ୍ୟାପକ ତାଲିମ ପ୍ରଦାନ କରିଥାଏ, ଯାହାଦ୍ୱାରା ଆତିଥ୍ୟ, ଉତ୍ପାଦନ ଏବଂ ବୈଷୟିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥାଏ।



ଏହା ଆରମ୍ଭ ପରଠାରୁ, ଏହି ପଦକ୍ଷେପ ବିଭିନ୍ନ ବ୍ୟବସାୟରେ ୩୧୮ ଜଣଙ୍କ ନାମଲେଖା ରେକର୍ଡ କରିଛି। ଯେଉଁଥିରେ ୧୩୧ ଜଣ ବିଭିନ୍ନ ସଂଗଠନରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି, ଯାହା ନିଯୁକ୍ତି ପ୍ରସ୍ତୁତି ବୃଦ୍ଧି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କୁ ନିଯୁକ୍ତି ସୁଯୋଗ ସହିତ ଯୋଡିବାରେ ଏହାର ବର୍ଦ୍ଧିତ ପ୍ରଭାବକୁ ଦର୍ଶାଉଛି।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ଦକ୍ଷତା ବିକାଶକୁ ସମାବେଶୀ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ଭାବେ ଦେଖୁଛୁ। 'ବେଦକ୍ଷତା' ଜରିଆରେ, ଆମେ ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ପ୍ରାସଙ୍ଗିକ କୌଶଳ, ଉଦ୍ୟୋଗ ଜଗତକୁ ପରିଚିତ କରାଇବା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରି ଅର୍ଥପୂର୍ଣ୍ଣ କ୍ୟାରିଅର ଗଢ଼ିବା ପାଇଁ ମାର୍ଗ ପ୍ରସ୍ତୁତ ଉପରେ ଧ୍ୟାନ ଦେଉଛୁ।

ସୁନ୍ଦରଗଡର ଟପାରିଆ ଗାଁର ବାସିନ୍ଦା ଗୀତା ବେହେରା ତାଙ୍କ ଅଭିଜ୍ଞତା ସେୟାର କରି କହିଛନ୍ତି, ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ, କ୍ୟାରିୟର ଗଢ଼ିବା ପାଇଁ ମୋର ସୀମିତ ସୁଯୋଗ ଥିଲା। ବେଦକ୍ଷତାର ଦକ୍ଷତା କେନ୍ଦ୍ରରେ ସିଲାଇ ମେସିନ୍ ଅପରେଟର କୋର୍ସ ମୋତେ ନୂତନ କୌଶଳ ଶିଖିବା ଏବଂ ଆତ୍ମବିଶ୍ୱାସ ହାସଲ କରିବାରେ ସାହାଯ୍ୟ କରିଥିଲା। ଆଜି, ମୁଁ ମୋର ଭବିଷ୍ୟତ ବିଷୟରେ ଅଧିକ ସ୍ୱାଧୀନ ଏବଂ ଆଶାବାଦୀ।

ବେଦାନ୍ତ ଆଲୁମିନିୟମ କୋଇଲା ଖଣି ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା ଏବଂ ଗ୍ରାମୀଣ ଭିତ୍ତିଭୂମି ମାଧ୍ୟମରେ ଏହାର କାର୍ଯ୍ୟକ୍ଷେତ୍ର ଆଖପାଖ ଅଞ୍ଚଳରେ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି। ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଏହାର ହସ୍ତକ୍ଷେପ ୨ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି, ଯାହା ସମାବେଶୀ ଏବଂ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶରେ ଯୋଗଦାନ ଦେଇଥିବା ଜଣାପଡିଛି।

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

ସକାଳ
THE SAKALA

## ଜଳସଙ୍କଟର ଚେତାବନୀ

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ସମ୍ପ୍ରତି ଦେଶର ଯେଉଁକେତେକ ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଉଥିବାର ତଥ୍ୟ କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ତାହା ଉପରୋକ୍ତ ତର୍କ ସହିତ ଯୋଡ଼ା ଯାଇପାରେ। କିଛିବର୍ଷ ତଳେ ବେଙ୍ଗାଲୁରୁରେ ସୃଷ୍ଟ ଜଳ ସଙ୍କଟ ଯୋଗୁଁ ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ୍ୟ ପଳାୟନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚେନ୍ନାଇରେ ମଧ୍ୟ ହୋଟେଲ୍ ବନ୍ଦ ହୋଇଯାଇଥିବା ବେଳେ ରାଜସ୍ଥାନର କେତେକ ଅଞ୍ଚଳରେ ପାଣି ପାଇଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସାରା ଦେଶରେ ଅନୁଭୂତ ହୋଇଥିଲା

ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ଜଳସଙ୍କଟ ପାଇଁ ଅଭାବୀ ମୌସୁମୀ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଅପେକ୍ଷା ମାନବ କାର୍ଯ୍ୟକଳାପ ଅଧିକ ଦାୟୀ। ଏବେ ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ୍ୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଉଦାହରଣ ଭାବେ ବେଙ୍ଗାଲୁରୁ ସହରକୁ ନିଆଯାଇପାରେ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢ଼ୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧ୍ୟରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା। ସମାନ ପରିସ୍ଥିତି ଭୁବନେଶ୍ୱର ଓ କଟକ ସମେତ ମହାନଗର ନିଗମ ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି। ଯେଉଁ ଛଅଟି ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି ବୋଲି ଆୟୋଗ ରିପୋର୍ଟରେ ଉଲ୍ଲେଖ ରହିଛି ସେମାନଙ୍କ ମଧ୍ୟରେ ଓଡ଼ିଶା ମଧ୍ୟ ଅଛି। ଓଡ଼ିଶା ସମେତ ଦେଶର ୧୬୬ ବୃହତ୍ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି।

ଏବେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଜଳ ଆୟୋଗ ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ୍ୟ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ।

ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ୍ୟ ଅପରିହାର୍ଯ୍ୟ। ଜଳ ସଙ୍କଟ ଏବେ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ। ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ।

**ମୋ ସ୍ୱପ୍ନର ଓଡ଼ିଶା**

## ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

***ସ୍ୱପ୍ନ-ଶୂନ୍ୟ ମରୁପ୍ରାନ୍ତର:*** ନିଜ ଦେଶ, ରାଜ୍ୟ ବା ପୃଥିବୀକୁ କେନ୍ଦ୍ର କରି ନୂତନ ନୂତନ ସ୍ୱପ୍ନରେ ଆନ୍ଦୋଳିତ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି କେତେ? ସାମୂହିକ କଲ୍ୟାଣ ନିମିତ୍ତ ଯେଉଁ ସ୍ୱଦେଶପ୍ରେମୀ ଓ ମାନବାନୁରାଗୀ ମହାନ କୃତୀ-ସନ୍ତାନବୃନ୍ଦ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଆଉ ଉତ୍ତରପିଢ଼ି ସକାଶେ ବୁଣି ଦେଇଗଲେ ଅଜସ୍ର ସ୍ୱପ୍ନର ବିହନ - ସେମାନେ କ'ଣ କେବେ ହେଲେ ଆଶଙ୍କା କରିପାରିଥିବେ ଯେ ସ୍ୱପ୍ନର ଚାରା ସବୁ ଉପାଡ଼ି ଦିଆଯିବ ନିଷ୍ଠୁର ଭାବରେ? ଫୁଲ ଫୁଟିବା ପୂର୍ବରୁ କୋମଳ କଳିକାଗୁଡ଼ିକ ବୃନ୍ତଚ୍ୟୁତ କରିଦିଆଯିବ? ଯେଉଁଠି ଚାରାଟି ପଲ୍ଲବିତ ହୋଇ ଆକାଶ ଅଭିମୁଖୀ, ତା' ଦେହରୁ ଡାଳପତ୍ର ସବୁ ଅବିଚାରିତ ଭାବରେ ଛେଦନ କରାଯିବ? 'ଏଲ-ନିନୋ' ପ୍ରଭାବରେ କୃଷିକ୍ଷେତ୍ର ଶୁଷ୍କ ହୋଇ ଚିରା ଚିରା ହୋଇ ଫାଟିଯିବା ପରି ସ୍ୱପ୍ନର ସବୁଜକ୍ଷେତ ସବୁ ଉଜୁଡ଼ି ଯିବ? ସ୍ୱପ୍ନର ମରୁଡ଼ିରେ କ୍ରନ୍ଦନ କରିବ ଏ ବସୁନ୍ଧରା -ଏହା ତ କଳ୍ପନାରେ ଆସି ନଥିବ ସେମାନଙ୍କ ଭାବନା-ରାଜ୍ୟକୁ।

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ଯେଉଁ 'ସ୍ୱପ୍ନର ଭାରତ' ନିର୍ମାଣ କରିଥିଲେ ତାଙ୍କ ମାନସ ପଟରେ ତାହା କ'ଣ ଏହି ଭାରତବର୍ଷ? ଅନୁରୂପ ଭାବରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ-କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, କବି ବ୍ରଜମୋହନ ପଣ୍ଡା, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ବେହେରା, ସୁବିଖ୍ୟାତ ରାଜା ମହାରାଜାମାନେ ଯେଉଁ 'ସ୍ୱତନ୍ତ୍ର ଓଡ଼ିଶା'ର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଏହି ଓଡ଼ିଶା? ସତକୁ ସତ ଏହି ସ୍ୱପ୍ନଶୂନ୍ୟ ମରୁପ୍ରାନ୍ତରକୁ ଦେଖିବା କିମ୍ବା ଅନୁଭବ କରିବା ଯଦି ସମ୍ଭବ ହେଉଥାଏ ସେଇ ଅଶରୀରୀ ମହତଆତ୍ମାଙ୍କ ପକ୍ଷରେ, ତା'ହେଲେ ସେମାନଙ୍କ କ୍ରନ୍ଦନ ଆମର କଳନାତୀତ। ସେମାନଙ୍କ ପରବର୍ତ୍ତୀ ପିଢ଼ି ନିକଟରେ ସ୍ୱଦେଶ ଓ ସ୍ୱଜାତିକୁ ନେଇ ଗୌରବବୋଧ କରିବାର ହାର୍ଦ୍ଦିକତା ଅନେକ ପରିମାଣରେ ରହି ପାରିଥିଲା ଅକ୍ଷୁଣ୍ଣ। କିନ୍ତୁ ତତ୍‌ପରବର୍ତ୍ତୀ ଉତ୍ତରାଧିକାରୀମାନେ ସ୍ୱପ୍ନ କହିଲେ ବୁଝନ୍ତି ନିଜ ନିଜର ବ୍ୟକ୍ତିଗତ ଉତ୍ଥାନ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଉଦ୍ଦିଷ୍ଟ ଉଦ୍ୟମ। ଦେଶଭକ୍ତି, ମାତୃଭାଷା ସଂପ୍ରୀତି, ରାଜ୍ୟର ସମୂହ ବିକାଶ କେବଳ ବହିର ବିଷୟମାତ୍ର। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତଥ୍ୟ ସଂଗ୍ରହ ମଧ୍ୟରେ ତାହା ସୀମିତ। ତୀବ୍ର ବୁଦ୍ଧିମତ୍ତାର ଚାପରେ ହୃଦୟବତ୍ତା ସୁପ୍ତ, ନିସ୍ତେଜ, ନିସ୍ତବ୍ଧ।

***ପ୍ରତିଦ୍ୱନ୍ଦ୍ୱିତା-ପୀଡ଼ିତ ପରିମଣ୍ଡଳ:*** ସମ୍ପ୍ରତି ଅଭିଭାବକ, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରାଜନୈତିକ ନେତୃମଣ୍ଡଳୀ, ଏପରିକି ସାହିତ୍ୟ ଆଦି ସବୁସ୍ତରରେ ଯେଉଁ ତୀବ୍ର ପ୍ରତିଯୋଗିତା ପରିଦୃଷ୍ଟ, ସେଥିରେ ସମାଜ ପାଇଁ ସ୍ୱପ୍ନ ସବୁ କ୍ଷଣକରେ ପରାଜିତ ଆଉ ଚୂର୍ଣ୍ଣୀଭୂତ। ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖିବା ବେଳେ ବ୍ୟକ୍ତିଗତ ଜୀବନର ଉଚ୍ଚାକାଂକ୍ଷା ବିଷୟ ହିଁ ବର୍ଣ୍ଣନା କରନ୍ତି। ଶ୍ରେଷ୍ଠ କୃତୀ-ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେହି ଆଭିମୁଖ୍ୟ ହିଁ ପ୍ରକାଶ କରନ୍ତି। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ସେବା ସେମାନଙ୍କ ବ୍ରତ ହେବ ବୋଲି ଯେଉଁମାନେ ଗଣମାଧ୍ୟମ ଆଗରେ କହନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର କାର୍ଯ୍ୟକଳାପ କିଏ ଅବା ଆଉ ସମୀକ୍ଷା କରନ୍ତି? ବଜାରରେ ଯେଉଁ ବିଷୟର ଚାହିଦା ଅଧିକ ନିଜକୁ ସେହି ଭାବରେ ଗଢ଼ିବା ସେମାନଙ୍କ ଓ ପିତାମାତାଙ୍କ ଲକ୍ଷ୍ୟ। କୌଣସି କବିଙ୍କ କବିତାର ପଦଟିଏ, ମହାପୁରୁଷଙ୍କ ଜୀବନର ଘଟଣାଟିଏ ତାଙ୍କୁ ଶିହରିତ କରିଦେଇପାରୁନାହିଁ। ଅନ୍ୟମାନଙ୍କୁ ପଛରେ ପକାଇ, ଅନ୍ୟମାନଙ୍କ ଉପରେ ମାଡ଼ି ମକଚି ଉପର ସ୍ତରକୁ ପହଞ୍ଚିବା ହିଁ ଯେଉଁଠି ଏକମାତ୍ର ଅଭିଳାଷ ସେଠି ଓଡ଼ିଶା ଗଢ଼ିବାର ସ୍ୱପ୍ନ ମୁକୁଳିତ ହେବ ବୋଲି କିପରି ଆଶା କରାଯାଇପାରେ?

***ଉପେକ୍ଷିତ ବର୍ଗଙ୍କ ଅସହାୟତା:*** ଯେଉଁମାନେ ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ଅନଗ୍ରସର, ସେମାନେ ତ ଭାରତର ସ୍ୱାଧୀନତା ଦିବସ କେବେ, ଓଡ଼ିଶା ଦିବସ କେବେ - ଏସବୁ କିଛି ବି ଜାଣନ୍ତିନି। ଗ୍ରାମାଞ୍ଚଳରେ ପଢ଼ୁଥିବା ବହୁ ଛାତ୍ରଛାତ୍ରୀ ଜ୍ଞାନ-ବିଜ୍ଞାନର ପ୍ରତିଯୋଗିତାଠାରୁ କେତେ ଦୂରବର୍ତ୍ତୀ ତାହା କଳ୍ପନା ବି କରିହେବ ନାହିଁ। କୌଣସି ଏକ ସଭାରେ ଏ ସାମାନ୍ୟ ଲେଖକଟି ଶୁଣିଲା ଜଣେ ପ୍ରସିଦ୍ଧ ରାଜନେତାଙ୍କ ବକ୍ତବ୍ୟ। ତାହାର ମର୍ମାର୍ଥ ହେଉଛି - 'ସ୍ୱଦେଶର ବିକାଶ ପାଇଁ ଆମର ଉଦ୍ୟମ ଅବ୍ୟାହତ। କିନ୍ତୁ ସବୁକିଛି ତ ଗୋଟିଏ ରାତିରେ ବଦଳି ଯିବ ନାହିଁ।' ବାସ୍ତବିକ ସତ କଥା। ୧୯୩୬ରେ ଓଡ଼ିଶା ଗଠନ ହୁଏ, ୧୯୪୭ରେ ଭାରତ ହୁଏ ସ୍ୱାଧୀନ। ମାତ୍ର ରାତିଟି ଏତେ ଦୀର୍ଘ ଯେ ସକାଳ କେବେ ହେଉନାହିଁ! ମନେ ପଡୁଥିଲା ଚନ୍ଦ୍ରଶେଖର ରଥଙ୍କ ଗଳ୍ପର ଶୀର୍ଷକ 'ସବୁଠାରୁ ଦୀର୍ଘରାତି'। ଆଉ କେତେ ଦଶନ୍ଧି କି ଶତାବ୍ଦୀ ପରେ ଏରାତି ପାହିବ? ଗୋଟିଏ ପଟେ ଜ୍ଞାନବିଜ୍ଞାନର ଦ୍ରୁତ ଅଗ୍ରଗତି ଆଉ ଗୋଟିଏ ପଟେ ମାନବିକ ସମ୍ବେଦନାର ଭୟଙ୍କର ଅବକ୍ଷୟ, ଦରିଦ୍ର ନିଷ୍ପେଷିତ ଜନତାଙ୍କ ଦୈନନ୍ଦିନ ଜୀବନ ବଞ୍ଚିବାର ତୁମୁଳ ସଂଘର୍ଷ - ଏହାରି ଭିତରେ ଯାହାକୁ ଅଗ୍ରଗତି ବୋଲି କୁହାଯାଏ ସେତେବେଳେ ଗାନ୍ଧିଜୀଙ୍କ ଧାଡ଼ିଟିଏ ମନେ ପଡ଼ିଯାଏ - 'ଗତି ମାତ୍ରକେ ସବୁ ପ୍ରଗତି ନୁହେଁ।' ଗୋଟିଏ ଦେଶରେ, ଗୋଟିଏ ରାଜ୍ୟରେ ରହି ମଧ୍ୟ ମଣିଷ-ମଣିଷ ଭିତରେ ଆକାଶ ପାତାଳ ତାରତମ୍ୟ! ଏଠି ସ୍ୱପ୍ନ ଦେଖିବା ଅର୍ଥ ବୁଝାଯାଏ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଯୋଜନା।

***ପୂର୍ବଜଙ୍କ ଆଦର୍ଶ କ୍ଷତବିକ୍ଷତ:*** ଯେଉଁ ଉଦାର-ହୃଦୟ-ସମ୍ପନ୍ନ ଶ୍ରେଷ୍ଠ ସନ୍ତାନବୃନ୍ଦ ନିଜ ନିଜ ମଧ୍ୟରେ ସମସ୍ତ ଭେଦ ଭାବ ବିସ୍ମରି ଯାଇ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ରଚନା କରିଥିଲେ ତାହା କ'ଣ ଏହି ସାମ୍ପ୍ରତିକ ଓଡ଼ିଶା? ସେମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ଶ୍ରଦ୍ଧା ଓ ମମତା ରହିଥିଲା ପରିପୂର୍ଣ୍ଣ ହୋଇ ତାହାର ଆମେ କ'ଣ ଉପଯୁକ୍ତ ଉତ୍ତରାଧିକାରୀ? କେତେ ସୁଉଚ୍ଚ ଶିଖରକୁ ଆରୋହଣ ପୂର୍ବକ ସେମାନେ ବୃହତ୍ତର ଓଡ଼ିଶା ଗଠନ ପାଇଁ ଆପଣାକୁ ସମର୍ପିତ କରିଥିଲେ ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିବାର ଦୂରଦୃଷ୍ଟି ବା ଅନ୍ତଃଦୃଷ୍ଟି ଆମର କାହିଁ? ଯେଉଁ ଶାନ୍ତି, ସଦ୍ଭାବ, ମୈତ୍ରୀ, ଭ୍ରାତୃତ୍ୱ, ସଂହତିର ପ୍ରତିଷ୍ଠା ପାଇଁ ସେମାନେ ସ୍ୱପ୍ନ-ସମୃଦ୍ଧ ଥିଲେ, ତାହା କେତେମାତ୍ରାରେ ପୂର୍ଣ୍ଣତା ଲାଭ କରିପାରିଛି? ଏହାରି ମଧ୍ୟରେ ସୁଦୀର୍ଘ ୯୦ ବର୍ଷ ଅତିକ୍ରାନ୍ତ। ଆଉ ମାତ୍ର ଦଶ ବର୍ଷ ପରେ ଆମେ କ'ଣ ସେମାନଙ୍କ ପରିକଳ୍ପିତ ଓଡ଼ିଶାର ବାସ୍ତବାୟନ ଦେଖିବାରେ ସମର୍ଥ ହୋଇପାରିବା? ସମଗ୍ର ଭାରତ ବର୍ଷରେ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମୁଖ ସମୁଜ୍ଜ୍ୱଳ କରିଦେବାରେ ସକ୍ଷମ ହେବା? ଆଗାମୀ ଦଶବର୍ଷ ମଧ୍ୟରେ ସବୁସ୍ତରକୁ ମାଡ଼ିଯାଇଥିବା ଦୁର୍ନୀତିର ଚେର କ'ଣ ଉଚ୍ଛେଦ ହୋଇଯିବ? ଜାତି, ଧର୍ମ, ବର୍ଣ୍ଣ, ଭାଷାକୁ ନେଇ ସବୁ ବିବାଦର ସମାଧାନ, ଦାରିଦ୍ର୍ୟର ଅବସାନ, ଘୃଣାର ମୂଳୋତ୍ପାଟନ, ବଧୂ ନିର୍ଯାତନା, କନ୍ୟାରତ୍ନଙ୍କ ପ୍ରତି ଆସୁରିକ ଆଚରଣ, ବୃଦ୍ଧ ପିତାମାତାଙ୍କ ପ୍ରତି ପ୍ରତିକୂଳ ବ୍ୟବହାରର ପ୍ରତିକାର କିପରି ସମ୍ଭବ? ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ଓ ସନ୍ଦେହ, ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଆଇନ ଶୃଙ୍ଖଳାର ସୀମାତୀତ ଉଲ୍ଲଙ୍ଘନ - ଏସବୁ ନିୟନ୍ତ୍ରିତ ହେବ କିପରି? ଅପରାଧୀଙ୍କ ସଂଖ୍ୟା ହ୍ରାସ ହେବ କି ଉପାୟରେ? ଶହେ ବର୍ଷର ଏକ ରାଜ୍ୟକୁ ସବୁଦୃଷ୍ଟିରୁ ଶୀର୍ଷ ସୋପାନକୁ ପହଞ୍ଚାଇବା ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ହେବା କିପରି ସମ୍ଭବ ହେବ? ସେଥିପାଇଁ କି କି ପରିଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି? ଏପରି ଶତାଧିକ ପ୍ରଶ୍ନରେ ଆମେ ଆନ୍ଦୋଳିତ ହେବା ସ୍ୱାଭାବିକ। ନିଜ ନିଜ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ସଂପାଦନ କରିବାର ନିଷ୍ଠା, ସତ୍ୟ ଓ ସାଧୁତା ପ୍ରତି ଅନୁରକ୍ତି, ତ୍ୟାଗ ଓ ତିତିକ୍ଷାର ପବିତ୍ର ଭାବନା, ସ୍ନେହ, ସହାନୁଭୂତି, ପରୋପକାର -ଏସବୁ ପାଠାଗାରରୁ ବାହାରି ଆସି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ କେଉଁ ଶୈଳୀରେ, କେଉଁ ଆଦର୍ଶ ଦ୍ୱାରା ଉଦବୁଦ୍ଧ ହୋଇ କାର୍ଯ୍ୟ ଅବ୍ୟାହତ ରଖିଲେ? ତାହା ଚିନ୍ତା କରୁଁ କରୁଁ ଆଗାମୀ ଦଶବର୍ଷ ଆଖି ପଲକରେ କ'ଣ ଚାଲିଯିବ ନାହିଁ?

***ଅବାସ୍ତବ, ଅସମ୍ଭବ ଆକାଂକ୍ଷା:*** ସମଗ୍ର ପୃଥିବୀ ବା ଭାରତ ବର୍ଷରୁ ଓଡ଼ିଶା ବିଚ୍ଛିନ୍ନ ନୁହେଁ। ତେଣୁ ଯେଉଁସବୁ ସଙ୍କଟ ମଧ୍ୟ ଦେଇ ବିଶ୍ୱ ଗତିଶୀଳ ସେଥିରୁ ଆମର ମୁକ୍ତି କାହିଁ? ଏଭଳି ପ୍ରତିପ୍ରଶ୍ନ ଦ୍ୱାରା ଉପରୋକ୍ତ ପରିକଳ୍ପନାକୁ ଉପହାସ କରିବା ଲୋକଙ୍କ ଅଭାବ ନାହିଁ। ଯେଉଁ ଅସାମଞ୍ଜସ୍ୟ ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ସେଠୁ ଅଲଗା ହୋଇଯାଇ ଏକ ସ୍ୱର୍ଗରାଜ୍ୟର ସ୍ୱପ୍ନ ଦେଖିବା କି ହାସ୍ୟାସ୍ପଦ? ଏହିପରି ଭାବନା ଉଦ୍ରେକ ହେବା ଅସ୍ୱାଭାବିକ ନୁହେଁ। ଏଭଳି ବିଷୟକୁ ଉପହାସର ତୋଫାନରେ ଯେଉଁମାନେ ଉଡ଼ାଇ ଦେବାକୁ ବ୍ୟଗ୍ର ଓ ତତ୍ପର ସେମାନଙ୍କ ପ୍ରତି ମଧ୍ୟ ବିନୟପୂର୍ଣ୍ଣ ପ୍ରଶ୍ନ ଉପସ୍ଥିତ। ସାରା ପୃଥିବୀରେ, ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ ଯାହା କିଛି ଗଠନମୂଳକ ପ୍ରଗତି ସମ୍ଭବ ହୋଇଛି ଆମେ ସେମାନଙ୍କ ସମକକ୍ଷ ହୋଇ ପାରିଛୁ କି? ନିଜ ରାଜ୍ୟର ଭାଷା ପଢ଼ିବାକୁ, କହିବାକୁ, ଲେଖିବାକୁ କେଉଁ ରାଜ୍ୟର ଲୋକ କୁଣ୍ଠିତ ହେବାର ଦୃଷ୍ଟାନ୍ତ ରହିଛି କି? ଶହେ ବର୍ଷ ତଳେ ଗଙ୍ଗାଧର ଏହା ପଚାରିଥିଲେ - 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ?' ତା'ର ଉତ୍ତର ଦେବା ପାଇଁ ଆମେ ଅକ୍ଷମ। ଏହା ବି ସେ କହିଲେ - 'ପ୍ରତିବେଶୀଙ୍କର ସହିତ ତୁଳନା, କରି କର ନିଜ ମଧ୍ୟରେ କଳନା।' ସେତିକି ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ। ତେବେ...?... ତେବେ କ'ଣ ଏଭଳି ଏକ ସମ୍ଭାବନା-ଶୂନ୍ୟ ମନ ଆଉ ଆହତ ଆତ୍ମାରେ ୨୦୩୬ରେ ଓଡ଼ିଶା ବିକାଶର ସ୍ୱପ୍ନ ଦେଖାଯାଇପାରିବ? ଏହାର ଉତ୍ତର ଖୋଜିବା ଆରଥରକୁ।(କ୍ରମଶଃ...)

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଗିଗ୍ ଶ୍ରମିକଙ୍କ ଅଧିକାର ଓ ସଂଗ୍ରାମ

ବିଜୟ ଜେନା

ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଗତ ୧୨ ଜୁନ୍‌ରେ ଏହାର ୧୧୫ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ 'ପ୍ଲାଟଫର୍ମ ଅର୍ଥନୀତିରେ ମାନବିକ କାର୍ଯ୍ୟ' (ଡିସେଣ୍ଟ ୱାର୍କ ଅନ୍ ପ୍ଲାଟଫର୍ମ ଇକୋନୋମି) ବିଷୟକ ସମ୍ମିଳନୀରେ ଗିଗ୍ ଶ୍ରମିକଙ୍କ କାର୍ଯ୍ୟର ପରିବେଶ ଅଧିକାର ଏବଂ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ସ୍ୱୀକୃତି ଦେବାର ନିଷ୍ପତ୍ତି ନେଇଛି। ଏହି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନାହିଁ। ଗତ ଅଧିବେଶନରେ ମଧ୍ୟ ଭାରତ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇଥିଲା। ବିଶ୍ୱର ସବୁଠାରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ଭାରତରେ ଅଛନ୍ତି। ଏହା ସତ୍ତ୍ୱେ ଭାରତ ସରକାର ଭୋଟଦାନରୁ ବିରତ ରହିବାକୁ ନେଇ ସମାଲୋଚନା ହେଉଛି। ଏବର୍ଷର ଭୋଟ୍‌ରେ ପ୍ରସ୍ତାବ ପକ୍ଷରେ ୧୦୮ ଭୋଟ୍ ପଡ଼ିଛି। ପ୍ରସ୍ତାବ ବିରୁଦ୍ଧରେ ମାତ୍ର ୮ଟି ଦେଶ ଭୋଟ୍ ଦେଇଛନ୍ତି। ୩୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ଆମେରିକା, ନ୍ୟୁଜିଲାଣ୍ଡ, ପ୍ରସ୍ତାବର ବିରୋଧ କରିଥିବା ବେଳେ ଭାରତ ବ୍ରିଟେନ୍, ଆର୍ଜେଣ୍ଟିନା ସମେତ କେତୋଟି ଦେଶ ଭୋଟ୍‌ଦାନରେ ଅଂଶଗ୍ରହଣ କରିନାହାନ୍ତି।

ଦୀର୍ଘ ଦିନ ପରେ ଉବେର, ଓଲା, ଜମାଟୋ, ସୁଇଗ ସହ ଅନ୍ୟାନ୍ୟ 'ଆପ୍'ଭିତ୍ତିକ ପରିସେବା ସହ ସଂଯୁକ୍ତ ଶ୍ରମିକଙ୍କର ସଂଗଠନଗୁଡ଼ିକ ଆନ୍ତର୍ଜାତିକ ସ୍ୱୀକୃତି ଦାବି କରି ଆସୁଥିଲେ। ତେଣୁ ସଂଖ୍ୟାଧିକ ସଦସ୍ୟଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସାଫଲ୍ୟ ରୂପେ ଦେଖାଯାଉଛି। ଏହି ପ୍ରସ୍ତାବରେ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଏକାଧିକ ସୁରକ୍ଷାମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ୍ୟରେ ରହିଛି ଆଲଗରିଦମ୍ ବା ସ୍ୱୟଂକ୍ରିୟ ବ୍ୟବସ୍ଥାର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାର, ଅନ୍ୟାୟ ଭାବରେ ଆକାଉଣ୍ଟ ବାତିଲ୍ କରିବା ବା କାମରୁ ବାଦ୍ ଦେବା ବିରୁଦ୍ଧରେ ସୁରକ୍ଷା, ଅଭିଯୋଗ ନିଷ୍ପତ୍ତିର କାର୍ଯ୍ୟକାରୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ସର୍ବନିମ୍ନ ମାନଦଣ୍ଡ। ଏହାଛଡ଼ା 'ଆଲ୍‌ଗୋରିଦମ୍ ମ୍ୟାନେଜମେଣ୍ଟ'ଫଳରେ କର୍ମୀଙ୍କ ଉପରେ ପ୍ରଭାବ କ୍ଷେତ୍ରରେ କିଛି ନୀତିଗତ ସୁରକ୍ଷାକୁ ସ୍ୱୀକୃତି ମିଳିଛି।

କେବେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ବିଭିନ୍ନ ସୀମାବଦ୍ଧତା ଉପରେ ଅଙ୍ଗୁଳି ଉଠାଇଛନ୍ତି। ସମାଲୋଚନାର ସବୁଠାରୁ ବଡ଼ ଦିଗ ହେଲା, ପ୍ଲାଟଫର୍ମ କର୍ମୀଙ୍କୁ କର୍ମଚାରୀ ରୂପେ ସ୍ୱୀକୃତି ଦେବା ପାଇଁ ଆବଶ୍ୟକୀୟ 'ରିଚାର୍ଜେବଲ ପ୍ରମୋସନ ଅଫ ଏମ୍‌ପ୍ଲୟମେଣ୍ଟ'କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ଆଇନ୍ ବିଧାନ ଅନୁସାରେ ନିଯୁକ୍ତିଦାତାଙ୍କ ସହ କୌଣସି ବ୍ୟକ୍ତିର ନିୟନ୍ତ୍ରଣ, ନିର୍ଦ୍ଦେଶ ଓ ନିର୍ଦ୍ଦିଷ୍ଟ ମଜୁରୀ ସଂକ୍ରାନ୍ତ କିଛି ସର୍ତ୍ତ ବା ପ୍ରମାଣ ରହିଥିଲେ ଅଦାଲତ ବା ଆଇନ୍ ଧରିନିଏ ଯେ, ଏହି ବ୍ୟକ୍ତିଜଣଙ୍କ ଆନୁଷ୍ଠାନିକ କର୍ମଚାରୀ ଗୃହୀତ। ପ୍ରସ୍ତାବରେ ଏହି ବିଧାନ ନ ଥିବାରୁ ଉବେର, ଓଲା, ଜମାଟୋ ବା ଅନ୍ୟାନ୍ୟ ପ୍ଲାଟଫର୍ମ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସ୍ୱାଧୀନ ଠିକାଦାର ରୂପେ ଚିହ୍ନିତ କରିବାର ସୁଯୋଗ ପାଇବେ ଏବଂ ଶ୍ରମ ଆଇନ୍ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ବିଷୟଗୁଡ଼ିକୁ ଫାଙ୍କି ଦେଇପାରିବେ। ଏହାଛଡ଼ା ସ୍ୱାଧୀନ ଠିକାଦାର ରୂପେ ଚିହ୍ନିଟ କର୍ମୀମାନଙ୍କ ପାଇଁ ସର୍ବନିମ୍ନ ମଜୁରୀର ସୁରକ୍ଷା ବାଧ୍ୟତାମୂଳକ କରାଯାଇନାହିଁ। ସାମାଜିକ ସୁରକ୍ଷା କ୍ଷେତ୍ରରେ ସୁସ୍ପଷ୍ଟ ଅଧିକାରଭିତ୍ତିକ ନିଶ୍ଚିତତା ପରିବର୍ତ୍ତେ ଅପେକ୍ଷାକୃତ ଦୁର୍ବଳ ଭାଷା ବ୍ୟବହାର କରାଯାଇଛି। ଶ୍ରମିକ ସଂଗଠନ ଓ ସାମୂହିକ ମୂଲଚାଲର ଅଧିକାର ସମ୍ପର୍କରେ ସମ୍ମିଳନୀରେ ଯଥେଷ୍ଟ ଦୃଷ୍ଟି ଦେଇନାହିଁ ବୋଲି ମନେ କରାଯାଏ। ଆଇଏଲ୍‌ଓ ପ୍ରସ୍ତାବରେ ନମନୀୟ ଶବ୍ଦ ବ୍ୟବହାର ଫଳରେ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥା ପାଇଁ କାର୍ଯ୍ୟକାରିତା କ୍ଷେତ୍ରରେ ବିଧି ଏଡ଼ାଇଯିବା ଓ ଅପବ୍ୟାଖ୍ୟାର ସୁଯୋଗ ରହିଛି।

ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, ଶ୍ରମିକ ସଂଗଠନ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟସମୟ, ସ୍ୱେଚ୍ଛାଚାରୀ ଆକାଉଣ୍ଟ ବ୍ଲକିଙ୍ଗ ବିରୁଦ୍ଧରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଚିହ୍ନିତ ନହେଲେ ଏହି କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ ବନ୍ଦ କରିବା ସମ୍ଭବ ନୁହେଁ। ବିଶ୍ୱବ୍ୟାପୀ ପ୍ଲାଟଫର୍ମ ଅର୍ଥନୀତିର ଦ୍ରୁତ ସଂପ୍ରସାରଣ ଫଳରେ ଶ୍ରମ ସମ୍ପର୍କରେ ନୂତନ ବାସ୍ତବତା ସୃଷ୍ଟି ହୋଇଛି। କୋଟି କୋଟି ଲୋକ ଆଜି 'ଆପ୍'ଭିତ୍ତିକ ପରିବହନ, ଖାଦ୍ୟ ସରବରାହ, ଲଜିଷ୍ଟିକ୍ସ ଓ ଡିଜିଟାଲ୍ ସେବା ସହ ସଂଯୁକ୍ତ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ପ୍ରଚଳିତ ଶ୍ରମ ଆଇନ୍‌ର ସୁରକ୍ଷା ବାହାରେ ରହିଯାଇଛନ୍ତି। ସେହି ପ୍ରେକ୍ଷାପଟରେ ଆଇଏଲ୍‌ଓର ଏହି ଶୀର୍ଷ ସମ୍ମିଳନୀ ଆନ୍ତର୍ଜାତିକ ଶ୍ରମ ଅଧିକାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରୂପେ ବିବେଚିତ ହୋଇଛି। ତେବେ ଏହାର ପ୍ରକୃତ ସାଫଲ୍ୟ ନିର୍ଭର କରୁଛି ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ, ଜାତୀୟ ଆଇନ୍ ପ୍ରଣୟନ ଏବଂ କାର୍ଯ୍ୟକାରୀ ବାସ୍ତବାୟନ ଉପରେ। ଶ୍ରମିକ ସଂଗଠନଗୁଡ଼ିକ ମତରେ ଏହି ସମ୍ମିଳନୀ ପ୍ଲାଟଫର୍ମ କର୍ମୀଙ୍କ ଅଧିକାର ପ୍ରତିଷ୍ଠାର ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଲେ ମଧ୍ୟ ପୂର୍ଣ୍ଣାଙ୍ଗ ଶ୍ରମ ଅଧିକାର ଏବଂ ସାମାଜିକ ସୁରକ୍ଷା ଲକ୍ଷ୍ୟରେ ଲଢ଼େଇକୁ ଅବ୍ୟାହତ ରଖିବାକୁ ହେବ।

ଭୁବନେଶ୍ୱର, ମୋ: ୯୪୩୭୩୮୪୮୬୭

## ଘୋଷଯାତ୍ରାର ଆତ୍ମା: ଘଣ୍ଟସେବକ

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**

ଡ.ଚନ୍ଦ୍ରକଳା ନାୟକ



ଚାତକ ପାଇଁ ନୂଆ ଆଷାଢ଼ର ବର୍ଷାଧାରା ପରି ଭକ୍ତ ପାଇଁ ପୂଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତୀକ୍ଷିତ ଏହି ତିଥି ବିଞ୍ଚି ଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି। ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢ଼ତା ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ।

ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ୧୦୩ ନଂ ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ନାନବେଦୀ ଏବଂ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ଏହି ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରାବିଶ୍ୱରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ୍ୟ ଘଣ୍ଟ ହିଁ ପ୍ରଭୁଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୁଙ୍କର ଭଙ୍ଗୀ, ଠାଣୀ ଓ ଚାହାଣୀକୁ ଭକ୍ତଙ୍କ ଆଡ଼କୁ ଆକର୍ଷିତ କରିଥାଏ।

ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଛି। ଏହି ଘଣ୍ଟବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟମୁଣ୍ଡାରେ ଚଢ଼େଇଦନା ତାଡ଼ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡ଼ି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକମାନଙ୍କୁ ୧୦୫୦ଟଙ୍କା ଦିଆଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢ଼ି ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡ଼ା ଯାତ୍ରା ସମୟରେ ସେମାନଙ୍କୁ ସର୍ବମୋଟ ଛଅଖଣ୍ଡ ଶାଢ଼ି ମିଳିଥାଏ। ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥା'ନ୍ତି। ରଥଯାତ୍ରାର ପରିସମାପ୍ତି ପରେ ସେବକମାନେ ଘଣ୍ଟଗୁଡ଼ିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ।

ଶାଢ଼ିବନ୍ଧା ସେବା ହୋଇ ନ ଥିଲେ ମଧ୍ୟ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବସତ୍କାର ପାଇଁ ଶ୍ରୀମନ୍ଦିର ବୈଷ୍ଣବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକମାନେ ନିଜକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡ଼ା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସଙ୍ଗେ ସଙ୍ଗେ ଭଟ୍ଟମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହାଠାରୁ ବନଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇଶ ଜଣ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥା'ନ୍ତି। ବଡ଼ଦାଣ୍ଡରେ ଯେତେ ସମୟ ରଥ ଗଡ଼ି ଚାଲୁଥାଏ ସେତେସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୁଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟସେବା।

ଯାଜପୁର, ମୋ: ୯୪୩୭ ୯୫୭ ୬୧୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାରଙ୍କ ଅପାରଗତା ପାଇଁ ବଢୁଛି ଭିଡ ହିଂସା: ବିଜେଡି

■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ
■ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ବିଫଳ

ଭୁବନେଶ୍ୱର,୩୦।୬(ସମିସ): ବିଜେପି ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାଣପୁରରେ ପୁଲିସ ସମ୍ମୁଖରେ ଜଣକୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସାରା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସବୁଠି ବର୍ବରତା ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପୁଣି ବାଣପୁର ଘଟଣା ପାଇଁ ଓଡ଼ିଶା ସର୍ବସମ୍ମୁଖରେ ନିନ୍ଦିତ ହୋଇଛି। ବାଲିଅନ୍ତା, କଣାସ ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଭିଡ ହିଂସା ଘଟିଛି। ଥାନା ଅଞ୍ଚଳରେ ଉକ୍ତ ନିନ୍ଦନୀୟ ଘଟଣା ଘଟିଯାଇଛି। କେଉଁଠି ବି ମାନବିକତା ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ତୋଫାନ ନାୟକ ନାମକ ବ୍ୟକ୍ତିଙ୍କୁ ପୁଲିସ ଆଗରେ ସର୍ବସମ୍ମୁଖରେ ଥାନା ପରିସରରେ ଲୋକେ ବାଡେଇ ବାଡେଇ ମାରୁଛନ୍ତି। ଡ. ମହାନ୍ତି ଆହୁରି କହିଥିଲେ ଯେ, ପୁଲିସ ବିଜେପିର ହାତ ବାରିସି ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ପୋଲିସ ପ୍ରତି ଲୋକଙ୍କ ଭରସା ତୁଟି ଗଲାଣି। ମୃତକଙ୍କ ପତ୍ନୀ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରୁଥିବା ବେଳେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ସେ ନ୍ୟାୟ ନପାଇଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଅବଶିଷ୍ଟାଂଶ

### ମହାବିପଦରେ ୨୨...

ସବୁଠାରୁ କମ୍ ବର୍ଷା (୮୭.୬ ଏମ୍ଏମ୍) ହୋଇଥିଲା। ୧୯୦୫ରେ ୯୧.୯ ଏମ୍ଏମ୍, ୨୦୧୪ରେ ୯୨.୮ ଏମ୍ଏମ୍ ଏବଂ ୧୯୨୬ରେ ୯୬.୭ ଏମ୍ଏମ୍ ବର୍ଷା ରେକର୍ଡ କରାଯାଇଥିଲା।

କେବଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମ ବଙ୍ଗକୁ ଛାଡ଼ିଦେଲେ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଓଡ଼ିଶାରେ ଜୁନରେ ୨୦୯.୩୦ ଏମଏମ୍ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୧୧୦.୩ ଏମଏମ୍ ବର୍ଷା। ଅର୍ଥାତ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଝାଡ଼ଖଣ୍ଡରେ ୫୯%, ଉତ୍ତର ପ୍ରଦେଶରେ ୫୦% ଏମଂ ମହାରାଷ୍ଟ୍ରରେ ମଧ୍ୟ ୪୭ % ନିଅଣ୍ଟିଆ ବର୍ଷା ହୋଇଛି। ଏଥର ଗୁଜରାଟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ୮୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଏହା ପଛକୁ ରହିଛି ଛତିଶଗଡ଼। ଏଠାରେ ୬୫ ଭାଗ ନିଅଣ୍ଟିଆ ବର୍ଷା ହୋଇଛି। ବିହାର, ପଞ୍ଜାବ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, କଶ୍ମୀର, ଉତ୍ତରାଖଣ୍ଡ, ହରିଆଣା, ହିମାଚଳ ପ୍ରଦେଶ, ଆସାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ପ୍ରଭୃତି ରାଜ୍ୟରେ ନିଅଣ୍ଟିଆ ବର୍ଷା ବେହାଲ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଚାଷ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଉତ୍ତର ଏବଂ କେନ୍ଦ୍ରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମଧ୍ୟ ଜାରି ରହିଛି।

କିଛି ସପ୍ତାହର ମନ୍ଥର ଗତି ପରେ ଭାରତରେ ପୁଣି ଥରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ବଙ୍ଗୋପସାଗର ଏବଂ କେନ୍ଦ୍ରୀୟ ଭାରତରେ ଦୁଇଟି ପ୍ରମୁଖ ଲଘୁଚାପ କେନ୍ଦ୍ର ସୃଷ୍ଟି ହେବାର ସଙ୍କେତ ମିଳିଛି। ଏହା ଦେଶର ଅଧିକାଂଶ ଅଞ୍ଚଳରେ ବ୍ୟାପକ ବର୍ଷା କରାଇବା ସମ୍ଭାବନା ଆଣିଛି। ଜୁନ୍ ଶେଷ ସୁଦ୍ଧା ଉତ୍ତର ଭାରତରେ ମୌସୁମୀ ପ୍ରବାହ ଦୁର୍ବଳ ରହିଥିଲା। ଏବେ ମଧ୍ୟ ଦିଲ୍ଲୀ-ଏନସିଆର, ହରିୟାଣା ଏବଂ ରାଜସ୍ଥାନ ପରି ଅଞ୍ଚଳରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୧ ରୁ ୫ ମଧ୍ୟରେ ମୌସୁମୀ ଉତ୍ତର ଭାରତରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବ। ଏହା ଫଳରେ ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ବ୍ୟାପକ ବର୍ଷା ସହ ତାପମାତ୍ରାରେ ହ୍ରାସ ଘଟିବ। ପୂର୍ବରୁ ମୌସୁମୀ ଟ୍ରଫ୍ ହିମାଳୟର ପାଦଦେଶ ନିକଟରେ ସ୍ଥିର ରହିଥିବାରୁ ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷା ହୋଇପାରୁନଥିଲା। ବର୍ତ୍ତମାନ ଏହି ଟ୍ରଫ୍ ଦକ୍ଷିଣ ଦିଗକୁ ଗତି କରିବା ଆରମ୍ଭ କରିଛି, ଯାହା ବାୟୁମଣ୍ଡଳରେ ଅସ୍ଥିରତା ସୃଷ୍ଟି କରି ବର୍ଷା ପାଇଁ ଅନୁକୂଳ ପରିବେଶ ତିଆରି କରୁଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଦୁଇଟି ଲଘୁଚାପ ପ୍ରଭାବରେ ପୂର୍ବ, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ବର୍ଷା ବୃଦ୍ଧି ପାଇବ।

### ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ...

ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ମୌସୁମୀକୁ ସକ୍ରିୟ କରିବ ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ।

ଏହାପରେ ଜୁଲାଇ ୯ ତାରିଖରେ ମଧ୍ୟ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷାର ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏଥିପାଇଁ ଗଲା କିଛି ଦିନ ହେବ ଲାଗି ରହିଥିବା ଗରମ ଗଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

### କିଏ ନେବ...

ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ନବୀନ ପ୍ରଶ୍ନ କରିଛନ୍ତି।

### ହତ୍ୟାକାରୀ ମାମୁଁକୁ...

ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଗତକାଲି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ କୋର୍ଟ ଆଜି ଦୋଷୀ ସାବ୍ୟସ୍ତ ତଥା ନାବାଳିକା ଭାଣିଜି ହତ୍ୟାକାରୀ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛିଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ବିଦ୍ୟାନଗର ସ୍ଥିତ ସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ତେବେ ମାମଲାରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ବା ଚାଲେଞ୍ଜ କରାଯିବ ବୋଲି କହିଛନ୍ତି ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ଶୁପ୍ରିନ ଦିଗାଲଙ୍କ ଓକିଲ ମନୋଜ ପଟ୍ଟନାୟକ।

### ନାବାଳିକାକୁ ଜିଅନ୍ତା...

ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୂଷୁରୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି। ଘଟଣା ପରେ ପୀଡ଼ିତାଙ୍କ ପକ୍ଷରୁ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାରେ ଏକ ମାମଲା(ନଂ-୨୮୮/୨୬) ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ପେଟ୍ରୋଲ ବୋତଲ, ଏକ ବିଷ ବୋତଲ ଜବତ କରି ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦିଲ୍ଲୀପଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଲୁଚାଇବାକୁ ଯାଇ...

ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଲୋକଙ୍କ ମାଡ଼ରେ ଗୁରୁତର ତୋଫାନକୁ ଉଦ୍ଧାର କରିଥିବା ପୁଲିସ କିପରି ତାକୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ବଦଳରେ ଦାୟିତ୍ୱହୀନତା ପ୍ରଦର୍ଶନ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବାଘୁଆପଦର ସାହିର ତୋଫାନ ରବିବାର ଅପରାହ୍ଣ ରେ ନିକଟସ୍ଥ ଖଣତ ଗ୍ରାମକୁ ଯାଇଥିବା ବେଳେ ଚୋର ସନ୍ଦେହ କରି ଗ୍ରାମର କେତେକ ଲୋକ ତୋଫାନକୁ ଗାଁ ଦାଣ୍ଡ ବିଜୁଳି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ।ସୂଚନା ପାଇ ବାଣପୁର ପୁଲିସ ତୋଫାନକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ମାତ୍ର ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ରାତି ପ୍ରାୟ ସାଢେ ୮ଟା ରେ ପୁଲିସ ପରିବାର ଲୋକଙ୍କୁ ଡାକି ଜିମାନାମା ଲେଖାଇ ତୋଫାନକୁ ଛାଡ଼ିଥିଲେ। ତେବେ ଗାଁ ଦାଣ୍ଡରେ ଲୋକମାନେ ତୋଫାନକୁ ପିଟିବା ବେଳେ ପୁଲିସ ତାକୁ ଉଦ୍ଧାର କରିଥିଲେ ହେଁ ତାକୁ କାହିଁକି ଡ଼ାକ୍ତରଖାନାରେ ଭର୍ତ୍ତି କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ରବିବାର ବିଳମ୍ବିତ ରାତିରେ ତୋଫାନ ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ଭୋର ୬ଟାରେ ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ଲୋକମାନେ ମିଳିତ ଭାବରେ ନିସ୍ତୁକ ମାଡ଼ ମାରିଥିବା ସଂକ୍ରାନ୍ତ ଅଭିଯୋଗ କରିଛନ୍ତି । ଏହାପରେ ପୁଲିସ ବିଏନ୍ଏସ୍ ୨୯୬,୧୦୩(୧), ୩(୫), ଏବଂ ୩(୧) (ଆର) (ଏସ୍), ୩ (୨), (ଭି-ଏ) ଏସ୍‌ସି/ଏସ୍‌ଟି (ପିଓଏ) ଆକ୍ଟରେ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦)ଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଛି। ଖଣତ ଗାଁରେ ସିସିଟିଭି ଫୁଟେଜ ସହ ଲୋକମାନଙ୍କୁ ପଚରାଉଚୁରା କରି ତଦନ୍ତ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାଣପୁର ପୁଲିସ ମଙ୍ଗଳବାର ଭୁବନେଶ୍ୱରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତୋଫାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନ୍ୟପକ୍ଷରେ ତୋଫାନ ଜଣେ ଦଳିତ ବର୍ଗର ଯୁବକ। ତାଙ୍କ ନାଁ ରେ କୌଣସି ପ୍ରକାର ଅପରାଧ ମୂଳକ ମାମଲା ନାହିଁ ବୋଲି ପୁଲିସ ସୂଚନା ଦେଇଛି। କେଉଁ କାରଣରୁ ଲୋକେ ଆଇନକୁ ହାତକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତୋଫାନକୁ ଉଦ୍ଧାର କରିବା ସମୟରେ ତାଙ୍କ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ମେଡିକାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ତୋଫାନ ହୁଏତ ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

### ଆଧାର ସଂଯୋଗ...

ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ସାଧାରଣତଃ ଭତ୍ତା ହିତାଧିକାରୀମାନଙ୍କୁ ମିଳୁଥିବା ଏହି ସହାୟତା ରାଶି ସେମାନଙ୍କ ଦୈନନ୍ଦିନ ଜୀବନ ଧାରଣର ଏକମାତ୍ର ସମ୍ବଳ ଭାବେ ବିବେଚନା କରାଯାଏ। ତିନି ମାସ ଧରି ଏହା ବନ୍ଦ ହେବା ଫଳରେ ଅନେକ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭୋକ ଓ ଦାରିଦ୍ର୍ୟର ଶିକାର ହୋଇଥିବା ଉଲ୍ଲେଖ କରି ଗଞ୍ଜାମ ଜିଲ୍ଲାରେ ଜଣେ ବୃଦ୍ଧା ବିଷ ପିଇ ଆତ୍ମହତ୍ୟା କରିଥିବା ଉଦାହରଣ ମଧ୍ୟ ନବୀନ ଉଲ୍ଲେଖ କରିଥିଲେ।

ଭତ୍ତା ପ୍ରଦାନରେ ବିଳମ୍ବକୁ ଏକ ବୈଷୟିକ ସମସ୍ୟା ବୋଲି ଉଲ୍ଲେଖ କରି ଏହାର ଶୀଘ୍ର ସମାଧାନ ହେବ ବୋଲି ସରକାର କହୁଛନ୍ତି। ମାତ୍ର କେବେ ଏହି ସମସ୍ୟା ସମାଧାନ ହେବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ। କିଛି ଲୋକଙ୍କୁ ଇତିମଧ୍ୟରେ ଭତ୍ତା ପ୍ରଦାନ କରାଯାଇଥିଲେ ମଧ୍ୟ ସିଂହଭାଗ ହିତାଧିକାରୀ ଏଯାଏ ଭତ୍ତା ପାଇ ନ ଥିବା ଅଭିଯୋଗ କରୁଛନ୍ତି। ଏହି ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭତ୍ତା ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରାଇବାକୁ କୁହାଯାଇଛି। ଏହା ନ କଲେ ଭତ୍ତା ବନ୍ଦ କରାଯିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଅନେକ ଗ୍ରାମୀଣ ହିତାଧିକାରୀଙ୍କ ପାଖରେ ଆଧାର ନ ଥିବା କିମ୍ବା ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ କରିବାର ସୁବିଧା ନ ଥିବାରୁ ସେମାନଙ୍କ ପାଇଁ ଏହି ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସାଜିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିର୍ବାଚନରେ ଭୋଟ୍ ପାଇବା ପାଇଁ ମିଛ ସ୍ୱପ୍ନ ଦେଖାଇ ଏବେ ହିତାଧିକାରୀଙ୍କୁ ଠକାଯାଉଛି ବୋଲି ଉଲ୍ଲେଖ କରି ବିରୋଧୀ ଏହାକୁ ଜନମାରଣ ନୀତି ବୋଲି ଅଭିହିତ କରିଛନ୍ତି।


## ବିଶେଷ ସୂଚନା

ଏତଦ୍ୱାରା ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ଖରିଫ ଚାଷ ପାଇଁ ତା.୦୨-୦୭-୨୦୨୬ ରିଖ ପୂର୍ବାହ୍ନ ୦୯.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ମାଧ୍ୟମରେ ସମସ୍ତ କେନାଲକୁ ଜଳଯୋଗାଣ କରାଯିବ । ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ



GOVT. OF ODISHA 25001/582/2627
OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail: eerw_anandapur@yahoo.co.in
**1st Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby **rescheduled** as below:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date & Time of opening of tender in O/o the S.E.R.W. Division, Anandapur |
|---|---|---|---|---|---|
| | | From | To | | |
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | 04.07.2026, 10:00 A.M. | 13.07.2026, up to 5:00 P.M. | 10.07.2026, up to 11:00 A.M. | 14.07.2026, 11:30 A.M. |

All other contents remain unchanged.
Sd/- Executive Engineer
R.W. Division, Anandapur
OIPR-25001/25055/1/26-27/0010



**Notice (For Minor)**

By virtue of an affidavit sworn before Executive Magistrate, Bhubaneswar, Dated-29.06.2026 I, RAMESH TIRIA, Address Kathbharia, Barisaghutu, Mayurbhanj, Odisha-757047, declare that I have changed the name of my daughter from SAKUN TIRIA to SUKANTI TIRIA. Henceforth, She shall be known as **SUKANTI TIRIA** for all purposes.
Sd/- Ramesh Tiria

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Bargarh vide No.77 dated 29.06.2026, I Janaki Bai Raut, resident of Vill.- Chandramanipur, Po.- Bhainsadarha, Ps./Tah-Jharbandh, Dist.- Bargarh, 768042 state that, I have changed my name from **Jananki Bai Rout** to **Janaki Bai Raut**. Hence **Janaki Bai Raut** for all future purposes.

**AFFIDAVIT**

By Virtue of an affidavit (SL NO-335, dtd-30.06.2026) sworn before The Executive Magistrate, Bisoi, Mayurbhanj. I, Smt Hiramani Majhi, W/O- Raisen Majhi, of village-Panposi,PO- Kundulia, PS-Bisoi ,DIST - Mayurbhanj. That ,My Daughter's actual name is MANINI MAJHI which is reflected in his Birth certificate vide Regd. No.-220/2017.That in Aadhar card No - 8979 6419 3747 my daughter's name has been wrongly entered as MAYNO MAJHI instead of MANINI MAJHI. That, Both the name MANINI MAJHI and MAYNO MAJHI is one and same person belongs to my daughter's name. Henceforth, she shall be known as **MANINI MAJHI** for all purpose .
SD/- HIRAMANI MAJHI

**AFFIDAVIT**

I, Rashmita Dwibedi, D/o- Dhruba Charan Dwibedy W/o- Debasish Jena, Resident At- Chahata Nagar, Po- Avinaba Bidanasi, Ps- Bidanasi, Dist- Cuttack, PIN-753014, Odisha, declare by this affidavit No.3991 on dated 29.06.2024 before Executive Magistrate, Cuttack that now onwards I shall be known as **RASHMITA DWIBEDY** for all future purposes.

**AFFIDAVIT**

By virtue of an affidavit sworn before the Notary Public , Nabarangpur, Vide no - 3137/26, dated 27.06.2026, I, DHANMATI MAJHI, W/o - Damu Bhatra permanent resident of Village/PO- Sanamasigam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from METRO BHATRA to NETRO BHATRA. Henceforth, she shall be known as **NETRO BHATRA** for all purposes.
Sd/- Dhanmati Majhi

**AFFIDAVIT**

By virtue of an affidavit no.87 before the Executive Magistrate, Paikmal, Bargarh, dtd. 11.05.2026, I, Durbashini Pradhan, Vill/P.O.- Jamseth, P.S. Paikmal, Dist.- Bargarh hereby declare that my name has been wrongly recorded as Kishori Sahu in my Postal Bond Policy. My correct name is Durbashini Pradhan. That both names refer to one and the same person.
Sd/- Durbashini Pradhan

**AFFIDAVIT**

By virtue of an affidavit no.88 before the Executive Magistrate, Paikmal, Bargarh, dtd. 11.05.2026, I, Gunanidhi Pradhan, Vill/P.O.- Jamseth, P.S. Paikmal, Dist. Bargarh hereby declare that my name has been wrongly recorded as Dinabandhu Pradhan in my Postal Bond Policy. My correct name is Gunanidhi Pradhan. That both names refer to one and the same person.
Sd/- Gunanidhi Pradhan

Office of the Principal
**PANCHAYAT HIGHER SECONDARY SCHOOL**
At-Palasagora, Po-Baghiabahal, Dist-Boudh
**Walk-in-Interview**

Wanted Contractual Teaching Faculties for PGT Odia and PGT Political Science. A walk-in-interview will be held on **12.07.2026 (Sunday) at 10.30 A.M.** in the office of the undersigned. Candidate having **55% marks** in concerned subject may attend along with their resume, photo copies of original certificates and their testimonials (Having B.Ed. Preference will be given first).
Sd/- Principal
Panchayat Higher Secondary School,
Palasagora, Dist-Boudh

**NOTICE**

By virtue of an affidavit no. 480 sworn before Notary Public, Borigumma, dated 26/05/2026, I LACHMAN GOUDA Address: Chargam, Po: Jayantigiri, PS: Borigumma, Dist: Koraput, Odisha-764056 declare that I have changed the name of my son from TOKADHAR GOUDA to TANKADHARA GOUDA. Henceforth, he shall be known as **TANKADHARA GOUDA** for all purposes.
Lachman Gouda

O/O CHIEF DISTRICT MEDICAL & PUBLIC HEALTH OFFICER
DHH WARE HOUSE, NABARANGPUR
Mail ID: dwhnabarangpur.26@gmail.com
RFP No.: 6074Date: 29.06.2026 10001/318/2627

Sealed tenders are invited from registered, reputed and experienced Agencies /Firms/ Individuals for "selection of agencies to provide Godrej & Nilkamal furniture items under Rate contract". Bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website **https://nabarangpur.odisha.gov.in/**. Last date for receipt of Tender documents is **20.07.2026 by 5:00 PM** only through Speed post/Regd Post/Courier only, and the bids so received will be opened on **21.07.2026 at 11:00 AM** in the office chamber of CDM & PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting- **04.07.2026 at 11 AM.**
Sd/- CDM & PHO-Cum-District Mission Director
OIPR-10001/10081/1/26-27/0010 NHM Nabarangpur

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 992, dated 24-06-2026, I, PHIRAJ CHANDRA HIAL, S/o - Alec Chandra Hial, permanent resident of - Gadabaguda, PO/PS/Dist.- Nabarangpur, Odisha, Pin - 764059, declare that I have changed the name of my Daughter from H. PRAKRUTI PRANGYA to PRAKRUTI PRANGYA HIAL. Henceforth, she shall be known as **PRAKRUTI PRANGYA HIAL** for all purposes.
Sd/- Phiraj Chandra Hial

OFFICE OF THE PANCHAYAT SAMITI, PAIKMAL
AT/PO/PS:- Paikmal, Dist.:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
No. 1478/ Dt. 29.06.2026
19001/122/2627
**"e"-procurement Notice**
Bid Identification No. BDO/Paikmal/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. **Nature of work** : Civil works
2. **No. of works** : 4
3. **Estimated cost** : As per NIT
4. **Period of completion** : As per NIT
5. **Date and time of availability of the Documents in the Portal** : From **02.07.2026 11.00 AM** to **14.07.2026 5.00 PM**
6. **Last date/time for receipt of Bids in the portal** : **Dt. 14.07.2026 up to 5.00 PM**
7. **Bids received online shall be opened on** : **Dt. 15.07.2026 at 11 AM**
8. **Name and address of the Officer inviting Bid** : **Block Development Officer, Paikmal**

Further, the details can be seen from the procurement Portal www.tendersodisha.gov.in
Block Development Officer
Paikmal
OIPR-19001/19175/1/26-27/0001

**AFFIDAVIT**

By virtue of an affidavit no.156 before the Executive Magistrate, Bhubaneswar, dtd. 29.06.2026, I, Sabitri Kamudi, At- Abarada, P.O. Kularsingi, P.S. Padwa, Dist. Koraput hereby declare that My correct name is **Sabitri Kamudi** but in my Aadhaar Card it has been wrongly recorded as Sabetri Kamudi. Henceforth I shall be known as **Sabitri Kamudi** for all purposes.
Sd/- Sabitri Kamudi

OFFICE OF THE DIVISIONAL FOREST OFFICER,
REDHAKHOL FOREST DIVISION
Email ID: - dfo.redhakhol@odisha.gov.in
Notice No.19 of 2026-27, Date 30.06.2026 8001/177/2627
**Application Invited for Engagement as Computer Engineer**

Redhakhol Forest Division invites applications only from qualified candidates for the post of Computer Engineer on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application data management, and capacity building of staff on digitalisation and AI/LLM tools.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in www.sambalpur.odisha.gov.in/ www.odishaforest.in/ www.redhakholforest.com .

| Name of the Post | Computer Engineer |
|---|---|
| Educational Qualification | B.Tech/ B.E in Computer Science and Engineering or Postgraduate in Computer Science and Engineering from a recognized University. |
| Desirable Technical Skills | Programming and Scripting – Python, SQL, Java script etc. AI/ML, LLM, and Data tools etc. Computer and Office Skills – MS Office, Map design and layout etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 18th July 2026 and 05.00 PM |

The candidate should submit **online form** by visiting the website www.redhakholforest.com or through scanning the QR code/ link (https://forms.gle/9MV3AiDgHf4bWAZi8). For any query, candidates can mail to helpdesk@redhakholforest.com.
OIPR-8001/8146/1/26-27/0030
Divisional Forest Officer,
Redhakhol Forest Division.

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:493, dated 30.06.2026, I Sai Kiran Nayak, d/o: Biplab Nayak, AT: Purnachandrapur, ward no:21, Chipatastia, po/ps: Bhanjpur, dist - Mayurbhanj, PIN - 757002, adhar no: 365057025729 declare that I have changed my name from Saikiran Nayak to Sai Kiran Nayak. Henceforth, I shall be known as **Sai Kiran Nayak** for all purposes.

**AFFIDAVIT**

I, Prasanta Das, Age 34 yrs S/o- Bhagirathi Das, do hereby solemnly affirm that, as per Affidavit No. 1206 dated-12.05.2026 sworn before the Executive Magistrate, Kanika, my correct and actual name is Prasanta Das. The same is duly recorded in my SBI Bank Account, Aadhaar Card, and Voter ID Card but, my name has been recorded as Sangram Das in LIC Policy No. **586255912**. I hereby declare that the names **Prasanta Das** and **Sangram Das** refer to one and the same person.

# ସ୍ନାନଯାତ୍ରା ପରେ ଅଣସର ଘରକୁ ଗଲେ ଚତୁର୍ଦ୍ଧା ମୂର୍ତ୍ତି





ବୌଦ୍ଧ, ୩୦।୬(ସମିସ)

ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସ୍ନାନ ମଣ୍ଡପକୁ ଆଣି ସୁବାସିତ ୧୦୮ ଗରା ପବିତ୍ର ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ସକାଳୁ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହେବା ପରେ ସେନାପଟା ଲାଗି ବେଶ କରାଯାଇଥିଲା। ଏହାପରେ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଶ୍ରୀଜୀଉମାନଙ୍କୁ ବିଜେ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ର କର୍ତ୍ତା ଭାବେ ପୂଜାରେ ବସିଥିବା ବେଳେ ମୁଖ୍ୟ ପୂଜକ ବିଭୁଦତ୍ତ ପଣ୍ଡା, ସହଯୋଗୀ ପ୍ରିୟବ୍ରତ ପଣ୍ଡା ଏବଂ ସନ୍ତୋଷ ଶତପଥୀ ସମସ୍ତ ବିଧିବିଧାନ ସମ୍ପନ୍ନ କରିଥିଲେ। ବ୍ରାହ୍ମଣ ସମାଜ ପକ୍ଷରୁ ମହାନଦୀରୁ ସଂଗ୍ରହୀତ ସୁବାସିତ ପବିତ୍ର ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ କରାଯାଇଥିଲା। ମନ୍ଦିରରେ କେଉଟ ସାହି, ପୋଡ଼ାପଡ଼ା, ନୂଆସାହି ଓ କାଳେଶ୍ୱରର ସଂକୀର୍ତ୍ତନ ମଣ୍ଡଳୀ ଭଜନ ଓ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ରାହ୍ମଣ ସମାଜର ସମ୍ପାଦକ ଶମ୍ଭୁ ପ୍ରସାଦ ମିଶ୍ର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶଙ୍କର ପ୍ରସାଦ



ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ।

**ହରଭଙ୍ଗା:** ଠିକିରାଜୋର ଶ୍ରୀ ପୁରୁଷୋତ୍ତମ ଦେବ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଓ ମହାପ୍ରଭୁଙ୍କ ଗଜାନନ ବେଶ ମହାଆଡମ୍ବର ଭାବେ ପାଳିତ ହୋଇଯାଇଛି। ଧଳପୁର ମହାନଦୀ ଘାଟରୁ ପବିତ୍ର ଜଳ ମନ୍ଦିରକୁ ଆଣା ଯାଇଥିଲା। ଜିତେନ୍ଦ୍ରନାଥ ଦାଶ, ବାମଦେବ ଦାଶ, ସନ୍ତୋଷ ପ୍ରଣିଗ୍ରାହୀ, ରାଧାକୃଷ୍ଣ ପାଢ଼ୀ, ମନ୍ଦିର ପୂଜକ ନାରାୟଣ ନନ୍ଦ, କମିଟି ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ବେଦବର ପ୍ରଧାନ, ଅର୍ଜୁନ କହଁର, ଜନକ ପାତ୍ର, ହରେକୃଷ୍ଣ ରାଉଳ, ହୃଷିକେଶ ସାହୁ, ସୁରେଶ ବେହେରା, ସିକନ ନାଏକ, ଯୋଗେଶ୍ୱର ନାଉକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସେହିପରି ହରଭଙ୍ଗା, କୁସଙ୍ଗ, ବାଇଶି ପଡ଼ା, କରାଜକଟା, ପୁରୁଣାକଟକ, ତିଲେଶ୍ୱର, ରାମଗଡ଼, କୋଇଲିଗୁଡା, ଧଳପୁର, କରଡ଼ି, ବିରାମଚନ୍ଦ୍ରପୁର, ମଥୁରା, ପାତାଳି ଶ୍ରୀକ୍ଷେତ୍ର ନାଏକ ପଡ଼ା ଗୁମ୍ଫା, ସରସରାରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର ଗ୍ରାମରେ ମଧ୍ୟ ସ୍ନାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅଜିତ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ମହାନଦୀରୁ ୧୩ଟି ପିତଳ ଗରାରେ ଅଣା ଯାଇଥିବା ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରା ଯାଇଥିଲା।




ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ।

## ୭୯ ଲିଟର ବିଦେଶୀ ମଦ ଜବତ, ୩ ଗିରଫ



ଶଗଡ଼ା, ୩୦।୬(ସମିସ): ମନମୁଣ୍ଡା ପୁଲିସ ୩ଟି ପୃଥକ ସ୍ଥାନରେ ଚଢ଼ଉ କରି ୭୯ ଲିଟର ବିଦେଶୀ ମଦ ଜବତ କରିଛି। ୩ଜଣଙ୍କୁ ଗିରଫ କରିଛି। ଗୁଡ଼ୁଗୁଡ଼ା ଛକ ନିକଟ କାଳିଆ ଢାବାରେ ଚଢ଼ଉ କରି ବିପୁଳ ମଦ ଜବତ କରିବା ସହ ସୁବର୍ଣ୍ଣପୁର ଜିଲ୍ଲା ବୀର ମହାରାଜପୁର ଥାନା ଅଞ୍ଚଳର ରାଜେଶ ଜଗଦଲା (୩୩) ନାମକ ଜଣେ ଯୁବକକୁ ଗିରଫ କରିଛି। ସେହିପରି ଦହ୍ୟା ବଜାର ନିକଟରେ ଚଢ଼ଉ କରାଯାଇ ବିପୁଳ ବିଦେଶୀ ମଦ ଜବତ କରିବା ସହ କିରାସିରା ଗ୍ରାମର ଖଗେଶ୍ୱର ସାହୁ (୪୫)କୁ ଗିରଫ କରିଛି। ମଶିଣାପଡ଼ା ନିକଟ ଲୋପା ଢାବାରେ ଚଢ଼ଉ କରି ବିଦେଶୀ ମଦ ଜବତ କରିବା ସହ ଅନୁଗୁଳ ଜିଲ୍ଲା କିଶୋର ନଗର ଥାନା ନାଡିରବା ଗ୍ରାମର ସୌଗାନ୍ଧା ଚୌହାନ (୨୫)କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ



ଝାରସୁଗୁଡା, ୩୦।୬(ସମିସ): ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚଵାଣ କୋଲାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପିଏସ. ହାଇସ୍କୁଲ (କୋଲାବିରା), ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ପତ୍ରାପାଲି) ଏବଂ ୟୁଜି ଉଚ୍ଚ ବିଦ୍ୟାଳୟ (ସିରିଆପାଲି) ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



ଶଗଡ଼ା, ୩୦।୬(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କଣ୍ଟାମାଳ ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବରଗୋଛା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ପାଚେରୀ ଭାଙ୍ଗି ଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଖୁବ ଶୀଘ୍ର ପାଚେରୀ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପଞ୍ଚାୟତର ଗୋଦାମ ଗୃହ ବୁଲି ଦେଖିଥିଲେ। ସେକାମାଲରେ ନିର୍ମାଣ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଶୁଣିପଦର ସମବାୟ ସମିତି ପରିଦର୍ଶନ କରିଥିଲେ। ମଣ୍ଡିରେ ଧାନ ବସ୍ତାଗୁଡିକରେ ଢଙ୍କା ଯାଇଥିବା ଚିରା ପାଲ ସହ ଅନେକ ଅବ୍ୟବସ୍ଥା ଦେଖି ବିରକ୍ତି ହୋଇଥିଲେ। ସମ୍ପୃକ୍ତ ସମ୍ପାଦକଙ୍କୁ ନିଲମ୍ବିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ।




## ଡିଏଭିରେ ଶିଶୁ ବିଦ୍ୟାରମ୍ଭ ଦିବସ

ବନ୍ଧବାହାଲ, ୩୦।୬(ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ନର୍ସରୀ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶୁଭଦୀପ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୨୦ ପିତୃମାତୃହୀନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଦକ୍ଷେପ




ଝାରସୁଗୁଡ଼ା, ୩୦।୬(ସମିସ): ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ମୁନିସିପାଲିଟି ଅଞ୍ଚଳରୁ ଚୟନ ୨୦ ଜଣ ପିତୃମାତୃହୀନ ଛାତ୍ରଛାତ୍ରୀ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ବଲାଙ୍ଗୀର)ରେ ନାମଲେଖା ଓ ପ୍ରଶିକ୍ଷଣ ଗ୍ରହଣ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିଯୋଜନ ଅଧିକାରୀ ସଙ୍ଗୀତା ମେହେରଙ୍କ ସମନ୍ୱୟରେ ସମ୍ପାଦିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଚୂଡ଼ାମଣି ପଣ୍ଡା ଛାତ୍ରଛାତ୍ରୀଙ୍କ ସହ ବଲାଙ୍ଗୀର ଯାଇଛନ୍ତି।

## ପ୍ରତିଶ୍ରୁତି ପରେ ଓହରିଲେ ଅନଶନକାରୀ



ଡୁଙ୍ଗୁରିପାଲି, ୩୦।୬(ସମିସ): ଡୁଙ୍ଗୁରିପାଲି ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାରେ ୫ଦିନ ଧରି ଅନଶନରେ ବସିଥିବା ଆନ୍ଦୋଳନକାରୀ ପ୍ରତିଶ୍ରୁତି ପାଇବା ପରେ ଓହରିଛନ୍ତି। ଗଧାପାଲି ଜଗନ୍ନାଥ ହାଇସ୍କୁଲରେ ଖାଲି ପଡ଼ିଥିବା ୨ଟି ପାଚିକା ପଦବୀ ପୂରଣ ପାଇଁ ସରୋଜିନୀ ମିର୍ଦ୍ଧା, ଶାନ୍ତିଲତା ଦଳେଇ, ମିଥିଲା ସେଠ ଆବେଦନ କରିଥିଲେ। ସେମାନଙ୍କୁ କିନ୍ତୁ ଅଣଦେଖା କରାଯାଇ ଅନ୍ୟ ୨ ଜଣଙ୍କୁ ନିଯୁକ୍ତି କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏଥିପାଇଁ ସେମାନେ ଅନଶନରେ ବସିଥିଲେ। ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳା ଏବଂ ଡୁଙ୍ଗୁରିପାଲି ବିଇଓ ଗଣେଶ କିଷାନଙ୍କ ଉପସ୍ଥିତ ପହଞ୍ଚି ବୁଝାଇଛନ୍ତି। ୭ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ଅନଶନରୁ ଓହରିଥିଲେ।

## ଡୁଙ୍ଗୁରିପାଲିରେ ଜନ ସମ୍ପର୍କ ଅଭିଯାନ



ଡୁଙ୍ଗୁରିପାଲି, ୩୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପିଜେପି ପକ୍ଷରୁ ବିଭିନ୍ନ ଗ୍ରାମରେ ଜନ ସମ୍ପର୍କ ଅବିଜନ ଅନୁଷ୍ଠିତ ହୋଇଯାଇଛି। ସହଲାର ତବଲାବାଦକ ମାୟାଧର ପଧାନ, ସାନନୁଆଁପାଲିର ଡାଇରେକ୍ଟର ଦଣ୍ଡସେନା, ଚିନାଜୁରୀ ସରପଞ୍ଚ ରାଜକୁମାର ସାହୁ, ନିତା ପଟେଲ, ଅବସରପ୍ରାପ୍ତ ଅଧାପକ କିଶୋର ମେହେର, ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳ, ଅଏଁଲାସାରୀ ଗ୍ରାମର ପ୍ରକାଶ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା। ଜିଲ୍ଲା ଉପସଭାପତି ସାନନ୍ଦ ମେହେର, ବିରେନ୍ଦ୍ର କଠାର, ନିତେଇ ପାଲ, ପ୍ରବୀର ସାହୁ, ସହଲା ସରପଞ୍ଚ ପଟୁଆରୀ ପଧାନ, ବନ୍ଧପାଲି ସରପଞ୍ଚ କ୍ଷୀରଧର ବୁଡେକ, ସୁରେଶ ପଧାନ, ବିକାଶ ହାତି, ସୁଶାନ୍ତ ସାହୁ, ଯୁଧିଷ୍ଠିର ଦଣ୍ଡସେନା, ଅଣାକାର ବିଶ୍ୱେଶ୍ୱର, କ୍ଷମାନିଧି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ବେଣୁଧର ମେହେର, ନିଳାମ୍ବର ସାହୁ, ଗଣେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଲାବିରା, ମାୟାବର୍ହାରେ ଅଭିଯୋଗ ଶୁଣାଣି





ଝାରସୁଗୁଡ଼ା, ୩୦।୬(ସମିସ)

କୋଲାବିରାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କୋଲାବିରା ବିଡିଓ ଅବିନାଶ ଲାକ୍ରା, ତହସିଲଦାର ମନୋଜ କୁଜୁର, ଉପ ଆରକ୍ଷୀ ଅଧରକ୍ଷକ ଉମାଶଙ୍କର ସିଂ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ପ୍ରମୁଖ ଯୋଗଦେ ୪୫ଟି ଅଭିଯୋଗର ଶୁଣାଣି କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ସଞ୍ଜିବ ସାହୁ, ଅତିରିକ୍ତ ବିଡ଼ିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ ସମ୍ପଦ ବାଗ, ପିଇଓ ସୁରେଶ ପଧାନ, ଏଇ ହିମାଦ୍ରୀ ପଧାନ, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପରିଡ଼ା, ଜିପିଡିଓ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ତେବେ ଏଥିରେ ମାତ୍ର ୮ଟଇ ଅଭିଯୋଗ ଆସିଥିଲା।

**ମନମୁଣ୍ଡା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ସଭା ଗୃହରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମିନା ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଶିବିରରେ ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର ସାହୁ, ମନମୁଣ୍ଡା ସିଏଚ୍‌ସି ଅଧ୍ୟକ୍ଷ ଡ. ମହେନ୍ଦ୍ର ସଏ ପ୍ରମୁଖ ଉପସ୍ଥିତ ଥିଲେ। ୫୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିଡ଼ିଓ ସାମ୍ମୀ ରେଡ୍ଡୀ ଜୟଶ୍ରୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ଡେପୁଟି କଲେକ୍ଟର ସୁଧର୍ମା ମଲ୍ଲିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ: ୨ ଗୁରୁତର

ଶଗଡ଼ା, ୩୦।୬(ସମିସ): ମନମୁଣ୍ଡା ଥାନା ବାସୁଦେବପାଲି ମାଉଳି ମନ୍ଦିର ବୁଲାଣିରେ ଭୟଙ୍କର ଦୁର୍ଘଟଣା ଘଟିଛି। ବୌଦ୍ଧ ପଟରୁ ଏକ କାର୍( ଓଡି ୦୩ଏସି ୯୩୩୮) ଦ୍ରୁତଗତିରେ ଆସୁଥିବାରୁ ଭାରସାମ୍ୟ ହରାଇ ପ୍ରାୟ ୧୦୦ ଫୁଟ୍ ଦୂରକୁ ଉଡ଼ିଯାଇ ଓଲଟିଯାଇଥିଲା। କାରରେ ଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପିସିଆର ଯୋଗେ ଉଭୟଙ୍କୁ ସୋନପୁର ମେଡିକାଲକୁ ନିଆଯାଇଛି। ଉଭୟଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ତେବେ ପରିଚୟ ମିଳି ପାରି ନାହିଁ।

## ମନମୁଣ୍ଡା ଥାନା ଅଧିକାରୀଙ୍କୁ ଭେଟିଲେ ସାମ୍ବାଦିକ

କନ୍ଧମାଳ, ୩୦।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କୁ ଆଞ୍ଚଳିକ ସମ୍ବାଦିକ ସଂଘ, ବୌଦ୍ଧର କର୍ମକର୍ତ୍ତା ଭେଟିଛନ୍ତି। ମନମୁଣ୍ଡା ଥାନା ଅଞ୍ଚଳରେ ହେଉଥିବା ବିଭିନ୍ନ ଅପରାଧ ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘ ଉପଦେଷ୍ଟା ଆବୁ ଖାଁ, ଅକ୍ରୁର ବେହେରା, ବିଜୟ ଆଚାର୍ଯ୍ୟ, ଅକ୍ରୁର ସାହୁ, ବିଶ୍ୱାମିତ୍ର ପାତି, ରଞ୍ଜିତ ସାହୁ, ଅଭିମନ୍ୟୁ ନାଏକ ଓ କୃଷ୍ଣ ନାଏକ ପ୍ରମୁଖ ତାଙ୍କୁ ଭେଟି ଆଲୋଚନା କରିଥିଲେ।

## ବ୍ରଜରାଜନଗର ବିକାଶ ନେଇ ସମୀକ୍ଷା

ଝାରସୁଗୁଡ଼ା, ୩୦।୬(ସମିସ): ଝାରସୁଗୁଡ଼ା ଡିଆରଡିଏ କାର୍ଯ୍ୟାଳୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବ୍ରଜରାଜନଗର ବିଧାନସଭା କ୍ଷେତ୍ର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଳ ମୋତିରାମ ଚଵାଣ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୂର୍ଯ୍ୟାଂଶୁ ରଥ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସାମଲ ନାୟକ, ବିଡିଓ ଅନୀଲ ଆଚାର୍ଯ୍ୟ, ଲଖନପୁର ବିଡିଓ ବିନୟ ପଟେଲ ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବେଲପାହାଡ଼ ପୌରପରିଷଦର ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ରେକର୍ଡ ଅଗ୍ରଗତି ନେଇ ସମୀକ୍ଷା

ତରଭା, ୩୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ହାଇଟେକ୍ ସର୍ଭେ ଅଧୀନ ଜମି ରେକର୍ଡ/ଅଭିଲେଖ ପରିଚାଳନା କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରାଯାଇଛି। ଏଥିରେ ଭୂମି ଅଭିଲେଖ ବା ଜମି ରେକର୍ଡ ଓ ସର୍ଭେ ଅତିରିକ୍ତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅତିରିକ୍ତ ଶାସନ ସଚିବ ଅମୀ ସାହୁ ଯୋଗଦେଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ନଳିନୀକାନ୍ତ ଜେନା (ଜିଓ ସ୍ପାଟିଏଲ୍ ପରିଚାଳକ ବା ଭୂ-ସ୍ଥାନିକ ପରିଚାଳକ, ନକ୍ସା) ନିଗମ ମହାନ୍ତି, (ଆଇଆଇସି ଏଜେନ୍ସିର ପରିଚାଳକ) ଅତିରିକ୍ତ ମୁଖ୍ୟ ଶାସନ ସଚିବ (ରାଜସ୍ୱ) ଓଏସ୍‌ଡି ରଶ୍ମି ରଞ୍ଜନ ରାଉତ ସାମିଲ ହୋଇଥିଲେ। ବୀରମହାରାଜପୁର ଓ ଉଲୁଣ୍ଡା ତହସିଲର ହାଇଟେକ୍ ସର୍ଭେ ରେକର୍ଡ ପରିଚାଳନା କାର୍ଯ୍ୟଅଗ୍ରଗତି ଉପରେ ପର୍ଯ୍ୟାଲୋଚନା ବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ଅଞ୍ଜଳିନା ପ୍ରଧାନ), ଉପ ଜିଲ୍ଲାପାଳ (ବୀରମହାରାଜପୁର) ସୁରେନ୍ଦ୍ର ମେହେର, ଜିଲ୍ଲା କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ (ରାଜସ୍ୱ) ଜ୍ୟୋତିର୍ମୟୀ ମଲ୍ଲିକ, ତହସିଲଦାର, ବୀରମହାରାଜପୁର, ତହସିଲ କାର୍ଯ୍ୟାଳୟର କର୍ମଚାରୀ ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିଥିଲେ। ବୁଧବାର ସୋନପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତରଭା, ସୋନପୁର, ବିନିକା ଓ ରାମପୁର ତହସିଲର ହାଇଟେକ୍ ସର୍ଭେର ଅଭିଲେଖ ପରିଚାଳନା କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରାଯିବ।

## ଟ୍ରାକ୍ଟର ଉପରେ ଗଳିପଡ଼ିଲା ବିଦ୍ୟୁତ୍ ଖୁଣ୍ଟ



ଶଗଡ଼ା, ୩୦।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବରଗୋଛା ପଞ୍ଚାୟତ ଚିଙ୍ଗିରା ପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ହଳ କରୁଥିବା ବେଳେ ଟ୍ରାକ୍ଟର ଉପରେ ଏକ ବିଦ୍ୟୁତ ଖୁଣ୍ଟ ପଡ଼ିଥିଲା। ଗ୍ରାମର ରଞ୍ଜନ କୁଦେଇ ବିଲରେ ହଳ କରୁଥିବା ବେଳେ ବିଲ ମଧ୍ୟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଟ୍ରାକ୍ଟର ଉପରେ ପଡ଼ି ଯାଇଥିଲା। ତେବେ ଏଥିରୁ ସେ ବର୍ତ୍ତି ଯାଇଛନ୍ତି।

## ପଶ୍ଚିମ ଓଡ଼ିଶା ଗୁଜରାଟୀ ସମାଜର ବନ୍ଧୁ ମିଳନ

ଟିଟିଲାଗଡ଼, ୩୦।୬(ସମିସ): ସ୍ଥାନୀୟ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ ପଶ୍ଚିମ ଓଡ଼ିଶା ଗୁଜରାଟୀ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ହରିଶ ରାୟଠାତାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ଅଖିଳ ଗୁଜରାଟୀ ସମାଜ (କଟକ)ର ସଭାପତି ରୂପେଶ ଭାଇ ଦୋଶୀ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗୀର ଗୁଜରାଟୀ ସମାଜ ସଭାପତି ମିତେଶ ଭମର ସଭା ପରିଚାଳନା କରିଥିଲେ। ଏହି ଅବସରରେ ସିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ଧୀରଜ କୋଟାକ ଓ ସମାଜର ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ହସମୁଖଲାଲ, ମୋହନ ଲାଲ ପଢ଼ାରିଆ, ପ୍ରକାଶ ସୁମେୟା, ବର୍ଷା ବେନ୍ ଭମର, ରୀନା ରାୟଠାତା, ଜନ୍ମଜୟ ଭମର, ଅଶ୍ୱିନ ଠକ୍କର, ରାଜେଶ ଦତ୍ତା, ନିକୁଞ୍ଜ ଦତ୍ତା, ବିକାଶ ଦତ୍ତା, ଭରତ ପିତ୍ରୋଡା, ମହେଶ କୋଟକ, ରମେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ଗୁଜରାଟୀ ପରିବାର ଉପସ୍ଥିତ ଥିଲେ।

## ଅମଠାପଡ଼ାରେ ଡୁମାଲ ସମାଜର ବୈଠକ

ଜହ୍ନାପଙ୍କ, ୩୦।୬(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତର ଆମଠାପଡ଼ା ଲଉରିଆ ସାହିଠାରେ ଡୁମାଲ ସମାଜ ମାଝିସାହି କେନ୍ଦ୍ରର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ପୀଠରେ ପୂଜକ ଜୟସ୍ୱର ପାତ୍ର ପୂଜା ସାରିବା ପରେ ସଭା ଆରମ୍ଭ ହୋଇଥଲା। କେନ୍ଦ୍ରର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ଧରଣୀଧର ଲଉରିଆ ବିବରଣୀ ପଠନ କରିଥିଲେ। ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଉମେଶ କର୍ଣ୍ଣ ଏବଂ ସମ୍ପାଦକ ଭାବେ ଧରଣୀଧର ଲଉରିଆଙ୍କୁ ମନୋନିତ କରାଯାଇଛି। ପୂର୍ବତନ ସରପଞ୍ଚ ଦେବହରି ମହାକୁଲ ଧନ୍ୟବାଦ ଦେଇଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ସଚେତନତା

ଜହ୍ନାପଙ୍କ, ୩୦।୬(ସମିସ): ବୌଦ୍ଧ ବ୍ଲକ ବୁରୋଗୋରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ହିତେଶ ସେନାପତି, କଷ୍ଟେଶ୍ୱର ଖଟୁଆ, ପୂର୍ବତନ ସରପଞ୍ଚ ବିଜୟ ମାହାର, ଶିକ୍ଷକ ସଞ୍ଜୟ ପଳିଆ, ପରିଚାଳନା କମିଟିର ସଭ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ

ବୌଦ୍ଧ, ୩୦।୬(ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ନାଗପାଲି ମଠରେ ବୈଦିକ ବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପାରାୟଣ ଅବସରରେ ତୃତୀୟ ସନ୍ଧ୍ୟାର ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳର ପ୍ରବଚକ ବ୍ରହ୍ମଚାରୀ ଅନ୍ତର୍ଯ୍ୟାମୀ ମହାରାଜ ଓ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରୁ ଆସିଥିବା ବ୍ରହ୍ମଚାରୀ ଉଦାସୀ ଗୌତମ ଦାଶ ପ୍ରବଚନ ଦେଇଥିଲେ। ମଠର ତତ୍ତ୍ୱାବଧାରକ ଗୋକୁଳାନନ୍ଦ ଦାଶ ଶର୍ମାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ; ଟ୍ରାକ୍ଟର ଚାଳକ ଗିରଫ

ପାଇକମାଲ, ୩୦।୬(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ବରଦୁଣ୍ଡା ଗ୍ରାମରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ବରଦୁଣ୍ଡା ଗ୍ରାମର ଦିନେଶ ଯୁବକ ଏକ ବାଇକରେ କଥାର ପଟରୁ ଗ୍ରାମକୁ ଫେରୁଥିଲେ। ସେହି ସମୟରେ ବାଦିବାହାଲ ପଟରୁ ଆସୁଥିବା ଏକ ଟ୍ରାକ୍ଟର ସହ ବାଇକଟି ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଚାଳକ ବରଦୁଣ୍ଡା ଗାଁର ବିନୋଦ ମେହେର (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପାଇକମାଲ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଟ୍ରାକ୍ଟର ଚାଳକ ଖେଜୁରାବାହି ଗାଁର ହରିହର ଧରୁଆ(୩୫)ଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ।

## ନିର୍ମାଣାଧୀନ କଂକ୍ରିଟ ରାସ୍ତାରେ ଫାଟ

● କାର୍ଯ୍ୟର ମାନକୁ ନେଇ ବଢ଼ିଲା ଦ୍ୱନ୍ଦ

ବରଗଡ଼, ୩୦।୬(ସମିସ): ଝାରବନ୍ଧର ବସନା କଂକ୍ରିଟ ରାସ୍ତାରେ ଫାଟ ଦେଖାଯିବା ଘଟଣା ଏବେ ଚିନ୍ତାର ବିଷୟ ପାଲଟିଛି। କାମ ଶେଷ ହେବା ପୂର୍ବରୁ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ କାର୍ଯ୍ୟର ମାନକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ରାସ୍ତା ନିର୍ମାଣ ଚାଲିଥିବାବେଳେ ଅନ୍ୟପଟେ ଫାଟ ମରାମତି ଚାଲିଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗର ଏସ୍‌ଡିଓ କ୍ଷୀରୋଦ ମେହେର କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ତ୍ରୁଟି ଜଣାପଡ଼ିଲେ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସଂକୁଳସ୍ତରୀୟ ସଙ୍ଗୀତ କାର୍ଯ୍ୟଶାଳା

ଝିଆପାଲି, ୩୦।୬(ସମିସ): ସରସ୍ୱତୀ ଶିଶୁ ମନ୍ଦିର ଖୁଣ୍ଟୁଲିପାଲିଠାରେ ଭେଡେନ ସଂକୁଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ସଙ୍ଗୀତ ପ୍ରମୁଖ ଗୁରୁଜୀ ଗୁରୁମାଙ୍କୁ ନେଇ ସଂକୁଳ ପ୍ରମୁଖ ଡା.ବିବେକାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସଂକୁଳ ସଙ୍ଗୀତ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଗୋଡ଼ଭଗା ସଙ୍ଗୀତ ବିଦ୍ୟାଳୟ ମାନବନ୍ଧୁର ସଙ୍ଗୀତ ଶିକ୍ଷକ ଲୋକେଶ୍ୱର ନାଏକ (ଲୋଟସ୍) ଯୋଗଦାନ କରିଥିଲେ।

● ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

## ଯୁବ ଓ ଛାତ୍ର ଉଦ୍ୟୋଗୀକରଣ ଉପରେ ଆଲୋଚନା

ବରଗଡ଼, ୩୦।୬(ସମିସ): ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀକରଣ' ଶୀର୍ଷକ ଅଧିବେଶନରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରେରିତ କରିଥିଲେ। ଡି . ଆଇ.ସି ସାଧାରଣ ପରିଚାଳିକା ସୁଷମା କରାଳି ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର ଯୋଜନା ଉପରେ ଆଲୋକପାତ କରିଥିବା ବେଳେ ଗୋବିନ୍ଦ ସେଠ୍ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସିଏମ୍ଏସ୍ଆର୍ଆଇଏମ୍ ଯୋଜନାରେ ସୁଧ ରିହାତି ବାବଦକୁ ଭେଡେନର ଶ୍ରୀ ଲକ୍ଷ୍ମୀ ଗଣପତି ରାଇସ୍ ମିଲ୍‌କୁ ୩ଲକ୍ଷ ୧୪ହଜାର ଏବଂ ବରପାଲିର ଖୁସବୁ ଫର୍ଣ୍ଣିଚରକୁ ୮ ୯ , ୮ ୦୦ ଟଙ୍କା ପ୍ରଦାନ କରାଯାଇଛି।

## ପାଇକମାଲ ବ୍ଲକରେ ଯୁବ କ୍ଲବ ବିକାଶ ଅଭିଯାନ

ପାଇକମାଲ, ୩୦।୬(ସମିସ): ମାଇ ଭାରତ କେନ୍ଦ୍ର ବରଗଡ଼ ପକ୍ଷରୁ ପାଇକମାଲ ବ୍ଲକରେ ଯୁବ କ୍ଲବ ବିକାଶ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସୋମବାର ଏହି କାର୍ଯ୍ୟକ୍ରମ ସମାପନ ପାଇଁ ମୁଖ୍ୟ ଅତିଥି ଭାବରେ ମାଇ ଭାରତ ବରଗଡ଼ ଜିଲ୍ଲା ଯୁବ ଅଧିକାରୀ କମଲ ସା, ସମାଜସେବୀ ପ୍ରଫୁଲ୍ଲ ମାକର୍, ଲୁକୁ ରଣ, ଅନିଲ ସାହୁ, ଜମନ କରେଇ ସନାତନ ପାଣ୍ଡେ, ଲେନିଶ ଚନ୍ଦ୍ର ସାହୁ, ରିଙ୍କୁ ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା ଯୁବ ଅଧିକାରୀ କମଲ ସା ଓ ମାକର୍ ଯୁବ ଶକ୍ତିର ୟୁଥ୍ ଆଇକନ ସ୍ୱାମୀ ବିବେକାନନ୍ଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ତାପରେ ଯୋଜନା ବାବଦରେ ଅଭିଭାଷଣ ପ୍ରଦାନ କରିଥିଲେ।

## ଭଟଲି ରଥଯାତ୍ରା ପ୍ରସ୍ତୁତି ବୈଠକ କେବେ

ଭଟଲି, ୩୦।୬(ସମିସ):ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲିର ଆରାଧ୍ୟ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଘୋଷଯାତ୍ରା ଆସନ୍ତା ଜୁଲାଇ ମାସ ୧୬ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ ଏଯାଏ ପ୍ରଶାସନର ପ୍ରସ୍ତୁତି ବୈଠକ ହୋଇନାହିଁ। ରାଜ୍ୟ ସରକାର ଅନ୍ୟ କ୍ଷେତ୍ରମାନଙ୍କୁ ଯେଉଁ ପ୍ରକାର ସହାୟତା ତଥା ଗୁରୁତ୍ୱ ଦେଉଛନ୍ତି ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଭାବେ ପରିଚିତ ଏହି ଦଧିବାମନ ଧାମକୁ କାହିଁକି ଅଣଦେଖା କରୁଛନ୍ତି ଜଣା ପଡୁନାହିଁ।

## ସମତା ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୩୦।୬(ସମିସ): ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୯୬ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ସମତା ଭବନ ବରଗଡ଼ଠାରେ ସମତା ବିନ୍ଦୁ ରକ୍ତ ଦାନ ସଂସ୍ଥା ତରଫରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାରର ଅମରଜୀତ ମହାନ୍ତି, ମାନସ ରଞ୍ଜନ ବିଶି, ଭୁବନେଶ୍ୱର ସାହୁ, ମହେନ୍ଦ୍ର କୁମାର ମେହେର ଏବଂ କୃଷ୍ଣଚନ୍ଦ୍ର ସାହୁ ରକ୍ତ ସଂଗ୍ରହ କରିଥିଲେ ଏବଂ ଜୟ କିସାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ସୁଶୀଲ କୁମାର ସାହୁ, ହର ବଣିଆଁ, ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ ଓ ଅନ୍ୟ ପଦାଧିକାରୀ ପରିଚାଳନା କରିଥିଲେ।

## ପୋକ୍‌ସୋ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୩୦।୬(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ବରଗଡ଼ ପକ୍ଷରୁ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ବରଗଡ଼ ଠାରେ ପୋକ୍‌ସୋ ଆକ୍ଟ ଓ ପୋକ୍‌ସୋ ଆଇନ ଅନୁଯାୟୀ ପୀଡ଼ିତ କ୍ଷତିପୂରଣ ବ୍ୟବସ୍ଥା ସହିତ ଯୌନ ନିର୍ଯାତନାର ଶିକାର ମହିଳା ଓ ବଞ୍ଚିତାଙ୍କ ପାଇଁ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ବ୍ୟାପାର ବିରୋଧୀ ଦିବସ ମଧ୍ୟ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଆଇକ୍ୟୁଏସି ସଂଯୋଜିକା ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମର ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ।

## ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସଭାପତି ସରୋଜ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ବରଗଡ଼, ୩୦।୬(ସମିସ): ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ବିଭାଗର ନବ ନିଯୁକ୍ତ ସଭାପତି ସରୋଜ ପ୍ରଧାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସରୋଜ ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ପ୍ରଧାନ କହିଥିଲେ ଯେ ପଛୁଆ ବର୍ଗର ସମସ୍ୟା ଓ ଦାବିକୁ ନେଇ ଦଳ ଆଗାମୀ ଦିନରେ ଜୋରଦାର ଲଢ଼େଇ କରିବ। କିଶୋର ଦଫାଦାର, ଟଙ୍କଧର ସାହୁ, ବ୍ରହ୍ମାନନ୍ଦ ମହାକୁଡ, ଅଭିଷେକ ସେଟ୍ ପ୍ରମୁଖ ମଞ୍ଚାସିନ ଥିଲେ।

## ସୋହେଲାରେ ବିଜେପିର ଜନ ସମ୍ବାଦ ଓ ଭାବ ବିନିମୟ କାର୍ଯ୍ୟକ୍ରମ




ସୋହେଲା, ୩୦।୬(ସମିସ): ସୋହେଲା ଗୌରୀ କଲ୍ୟାଣ ମଣ୍ଡପ ଠାରେ ଭଟଲି ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜନ ସମ୍ବାଦ ଏବଂ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସାମ୍ମାନୀତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜନ ସମ୍ବାଦ ଏବଂ ଭାବ ବିନିମୟ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ଭଟଲି ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ।

### ଦୀର୍ଘଦିନ ପରେ ଝାରବନ୍ଧ ପଞ୍ଚାୟତ ସମିତି ବୈଠକ

# ସାମ୍ବାଦିକଙ୍କୁ ତଡ଼ିଦେଲେ ଜନ ପ୍ରତିନିଧି

ବରଗଡ଼, ୩୦।୬(ସମିସ)



ଦୀର୍ଘମାସ ଧରି ଝାରବନ୍ଧ ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉନଥିବା ନେଇ ଜନପ୍ରତିନିଧିମାନେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଥିଲେ। ସେହିପରି ଗଣମାଧ୍ୟମରେ ମଧ୍ୟ ଏହି ପ୍ରସଙ୍ଗ ବାରମ୍ବାର ପ୍ରକାଶ ପାଇବା ପରେ ଶେଷରେ ଦୀର୍ଘ ବ୍ୟବଧାନରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବୈଠକ ଆରମ୍ଭ ହେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାହାରକୁ ଯିବାକୁ କୁହାଯାଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ସମଗ୍ର ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବ୍ଲକ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ବୈଠକ ଆରମ୍ଭ ପରେ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ଏବଂ ବିଧାୟକ ପ୍ରତିନିଧି ବିଜୟ କେତନ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରୁ ବାହାରକୁ ଯିବାକୁ କହିଥିଲେ। ଏହି ଘଟଣା ବୁଦ୍ଧିଜୀବୀ ମହଲ, ସାମ୍ବାଦିକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ଅଗ୍ରୱାଲ, ବିଧାୟକ ପ୍ରତିନିଧି ବିଜୟ କେତନ ପ୍ରଧାନ, ବିଡିଓ ପର୍ଶୁରାମ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ଓ ସୁଶୀଲ ମରେଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ସାମ୍ବାଦିକଙ୍କୁ ବାହାରକୁ ଯିବାକୁ କୁହାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରଶ୍ନ ଉଠାଇଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ଘଟଣାକୁ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗଣମାଧ୍ୟମର ସ୍ୱାଧୀନତା ଓ ସମ୍ମାନ ପ୍ରତି କୌଣସି ପ୍ରକାରର ଅବହେଳା ଗ୍ରହଣୀୟ ନୁହେଁ। ଏହି ଘଟଣାର ତଦନ୍ତ ସହ ଭବିଷ୍ୟତରେ ଏଭଳି ପରିସ୍ଥିତିର ପୁନରାବୃତ୍ତି ନ ହେବାକୁ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଧାନ ମଣ୍ଡିରେ ଅଗ୍ନିକାଣ୍ଡ; ତଦନ୍ତ ଦାବି କଲେ ଚାଷୀ



ବରପାଲି, ୩୦।୬(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ସତଲମା ଧାନ ମଣ୍ଡିରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବହୁ ଧାନ ବସ୍ତା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଘଟଣା ପରେ ଚାଷୀମାନେ ମଣ୍ଡିର ବିଦ୍ୟୁତ ବ୍ୟବସ୍ଥା ଓ ସୁରକ୍ଷା ପ୍ରତି ଅବହେଳା ହୋଇଥିବା ଅଭିଯୋଗ କରି ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଖୋଜି ବାହାର କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପ୍ରକୃତ କାରଣ ସ୍ପଷ୍ଟ ହେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମଣ୍ଡି ଅଧିକାରୀ କହିଛନ୍ତି।

● ବରଗଡ଼ରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ

## ପ୍ରଶାସନିକ ତଥ୍ୟର ସଦୁପଯୋଗ ଉପରେ ଗୁରୁତ୍ୱ

ବରଗଡ଼, ୩୦।୬(ସମିସ): ଭାରତୀୟ ପରିସଂଖ୍ୟାନର ଜନକ ଭାବେ ସୁପରିଚିତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସ୍‌ଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ଅବସରରେ ସୋମବାର ଦିନ ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦ତମ ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସମିତି (ଡି.ପି.ଏମ୍.ୟୁ)ର ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ସୋନାଲିକା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଏହି ଦିବସ ପାଳନର ମୁଖ୍ୟ ବିଷୟବସ୍ତୁ "ପ୍ରଶାସନିକ ତଥ୍ୟ ତଥା ସାମର୍ଥ୍ୟର ଉନ୍ମୋଚନ" କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସହକାରୀ ନିର୍ବାହୀ ଅଧିକାରୀ ଫକୀର ମେହେର ସଭାପତିତ୍ୱ କରିଥିବା ବେଳେ ବରଗଡ଼ ଡି.ପି.ଏମ୍.ୟୁ ର ସହକାରୀ ନିର୍ଦ୍ଦେଶକ (ଯୋଜନା) ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରଗଡ଼ ପଞ୍ଚାୟତ କଲେଜର ଅର୍ଥଶାସ୍ତ୍ର ବିଭାଗର ସହକାରୀ ଅଧ୍ୟାପିକା ବାସନ୍ତୀ ମେହେର ଏହି ଉତ୍ସବରେ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେ ନିଜ ଅଭିଭାଷଣରେ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ପ୍ରାସଙ୍ଗିକତା, ଦେଶ ଗଠନ ଏବଂ ସୁଦୂରପ୍ରସାରୀ ନୀତି ପ୍ରଣୟନରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରଶାସନିକ ତଥ୍ୟାବଳୀର ସାମର୍ଥ୍ୟକୁ କିପରି ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇପାରିବ ସୂଚନା ପ୍ରଦାନ କରିଥିଲେ।




## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ, ୩୦।୬(ସମିସ): ଘେଁସ, ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଆଞ୍ଚଳିକ ସତ୍‌ସଙ୍ଗ ଗୋଷ୍ଠୀ ତଥା ଶ୍ରୀ କ୍ରିଷ୍ଣା ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘେଁସ ନିବାସୀ ସାଧୁରାମ ଗିଙ୍ଗିରା ଅନ୍ନଦାତା ଥିଲେ ଏବଂ ଘୁମୁନିପାଲି ନିବାସୀ ସହଦେବ ପଟେଲ ପତ୍ନୀ ଗୌରୀ ପଟେଲ କର୍ତ୍ତା କାର୍ଯ୍ୟ ତୁଲାଇ ଥିବା ବେଳେ ବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦୃପତି ଭୁଏ ଭାଗବତ ପାରାୟଣ କରିଥିଲା ବେଳେ ଭାଗିରଥି ମେହେର, ଦୁର୍ଲଭ ସେଠ, ନୀଳମଣି ଭୁଏ ବାଦ୍ୟ ଯନ୍ତ୍ର ରେ ସହଯୋଗ କରିଥିଲେ। ଉକ୍ତ ଭାଗବତ ସଭା ରେ ଗଜରାଜ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ପ୍ରବଚିକା ଦେବକୀ ସାହୁ (ପିପିଲି ପାଲି ), ସମ୍ମାନିତ ବକ୍ତା ସରୋଜ ବାରିକ (ଡୁମେରପାଲି) ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ପାଇକମାଲ, ୩୦।୬(ସମିସ): ପାଇକମାଲ ବ୍ଲକ ପ୍ରଶାସନ ପକ୍ଷରୁ ପାଇକମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଡିଓ ପ୍ରଫୁଲ୍ଲ ଓଡୁ ମୁଖ୍ୟ, ସରୋଜ ସାମଲ, ପାଇକମାଲ ସରପଞ୍ଚ ତୁଳାବତୀ ତାଣ୍ଡି, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ବରିହା, ଆଇସିଡିଏସ୍ ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା, ବରିଷ୍ଠ ଲୋକନାଟକ ଗବେଷକ ଡ଼. ଲଳିତ ଜଗତ ଓ ମଧୁସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଧନସିଂ ତାଣ୍ଡି, ଜିଆରଏସ୍ କୁଞ୍ଜବିହାରୀ ନାୟକ, ବିଜେପି ନେତା ଯୋଗେନ୍ଦ୍ର ଭୋଇ ଓ ଅରୁଣ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ। ପଦ୍ମପୁର: ପାଇକମାଲ ବ୍ଲକର ଲଖମରା ପଞ୍ଚାୟତରେ ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଟୁନା ଡନାସନା, ଲଖମରା ସରପଞ୍ଚ ସୁବାଷ ଚନ୍ଦ୍ର ଝଗରା, ଜିଆରଏସ ସୁଶ୍ରୀ ବିଜୟା ଲୁଇ, ସୁଷମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କନବାରରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ

ବରପାଲି, ୩୦।୬(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କନବାର ଗ୍ରାମଠାରେ ବ୍ରଜେଶ୍ୱରୀ ନୃତ୍ୟ ସଂଘ ଓ ଗୁରୁ ଭଗବାନ ସାହୁ ଶବ୍ଦ ନୃତ୍ୟ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ସର୍ବସ ଭୋଇଙ୍କ ସଭାପତିତ୍ୱରେ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜୟନ୍ତୀ ପାଳନ କରାଯାଇଛି। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଶବ୍ଦ ନୃତ୍ୟ ଗୁରୁ ପ୍ରଫୁଲ୍ଲ ନାଏକ, ନବ କୁମାର ବାରିକ, ଉମା ପଧାନ, ସୁରେଶ ସାହୁ, ଫକୀର ନାଏକ, ପ୍ରାଚୀରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଭାବବିହ୍ୱଳ କଲା ଅବସରକାଳୀନ ସମ୍ବର୍ଦ୍ଧନା











ପଦ୍ମପୁର, ୩୦।୬(ସମିସ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ତାରାପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦାୟୀ ଅଧ୍ୟକ୍ଷ ଗଙ୍ଗେଶ୍ୱର ଦାଶ ଏବଂ ବରିଷ୍ଠ କିରାଣୀ ଚୈତନ୍ୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସରୋଜ କୁମାର ନାଏକ, କର୍ମଚାରୀ ସଂଘର ସମ୍ପାଦକ ଡ. ତୁଷାର କାନ୍ତ ସାହୁ, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ହେମସାଗର ଭୋଇ, ଶିକ୍ଷକ କର୍ମଚାରୀ ପରିଷଦର ସମ୍ପାଦକ ସନ୍ତୋଷ ମିଶ୍ର, ପ୍ରଶାସନିକ ମୁଖ୍ୟ ପ୍ରମୋଦ ତ୍ରିପାଠୀ, ଯୁକ୍ତ ଦୁଇ ବିଭାଗର ମୁଖ୍ୟ ପ୍ରଭାତ ମହାପାତ୍ର, ପ୍ରକୃତି ବନ୍ଧୁ ମୀନକେତନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାନ୍ତ ସିଦାର ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ସଂସ୍କୃତ ଶିକ୍ଷକ ଅନଙ୍ଗ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ବଡ଼େଇ, ଗ୍ରାମର ଗୌନ୍ତିଆ ମାନଭଞ୍ଜନ ବରିହା, ଜଟାଧାରୀ ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବେହେରା, ପୂର୍ବତନ ସଭାପତି ବିପିନ ବିହାରୀ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ସମାରୁ ସାହୁ, ତେଜରାଜ କର୍ଣ୍ଣାଲ, କଳ୍ପ କର୍ଣ୍ଣାଲ ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ବିହାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟର କନିଷ୍ଠ କିରାଣୀ ଜୟକୃଷ୍ଣ ଷଡ଼ଙ୍ଗୀ ମଙ୍ଗଳବାର ସରକାରୀ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଥିଲା। ଅଧ୍ୟାପକ ମହେନ୍ଦ୍ର ପଧାନ, ଯୋଗେଶ ଚନ୍ଦ୍ର ଭୋଇ, ସରୋଜ ପାଣିଗ୍ରାହୀ, ଶାନ୍ତନୁ ସାହୁ, ଡକ୍ଟର ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଭେଡେନ:** ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରେମପ୍ରକାଶ ପୁରୋହିତଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶବ୍ଦ ନୃତ୍ୟ ଗୁରୁ ଭାଗବତ ପ୍ରଧାନ, ସୁଶୀଲ ମେହେର, ସାହିତ୍ୟିକ ଉତ୍ପନ୍ନ ଭୋଇ, ଅଧ୍ୟାପକ ଡ଼. ନାରାୟଣ ଭୋଇ, ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ, ଜ୍ୟୋତି ରଞ୍ଜନ ମହାପାତ୍ର, ନିର୍ମଳ ମେହେର, ପରଂବ୍ରହ୍ମ ମେହେର ପ୍ରମୁଖ ଯୋଗଦେଇଥିଲେ। ଅବସର ଗ୍ରହଣ କରିଥିବା ଓଡ଼ିଆ ଅଧ୍ୟାପକ ପ୍ରେମ ପ୍ରକାଶ ପୁରୋହିତ, ଅନିତା ପୁରୋହିତ, ସଚ୍ଚିଦାନନ୍ଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ଦୁର୍ଯୋଧନ ଛନ୍ଦ, ଅରକ୍ଷିତ ପାଢ଼ୀ, ମାଧବ କାଣ୍ଡ, ସୁକଦେବ ବାରିକ ସମେତ ଅନେକ କଳାକାର ନିଜ କଳା ପରିବେଷଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ଅମୃତ କୁଟୁମ୍ ଭେଡେନ ସଭାପତି ଆନନ୍ଦ ସୁନା, ଭୀଷ୍ମ ସିଂ ଛନ୍ଦ ପରିଚାଳନାରେ ସହଯୋଗ କରିଥିଲେ। ସିଦ୍ଧାନ୍ତ ପୁରୋହିତ ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ,୩୦।୬(ସମିସ): ସ୍ନାନବେଦୀରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣପକ୍ଷ ତୃତୀୟା ତିଥିରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ।



ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥା'ନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତମହାପାତ୍ର ବନକଲାଗି କରିଥା'ନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

---

**ଦେଢ଼ ବର୍ଷ ହେଲା ସରୁନି ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା**

# ସରକାରଙ୍କୁ ୨୪ ଘଣ୍ଟାର ମହଲତ; ଅନ୍ୟଥା ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର, ୩୦।୬(ସମିସ): ରାଜ୍ୟରେ ବିଧାୟକ ବା ସାଂସଦ ପଦ ଫାଙ୍କା ରହିଲେ ମାତ୍ର ୬ ମାସ ମଧ୍ୟରେ ନିର୍ବାଚନ ହୋଇ ପଦ ପୂରଣ ହେଉଛି। ରାଜ୍ୟସଭା ପଦ ଫାଙ୍କା ହେଉହେଉ ବିଜ୍ଞପ୍ତି ପ୍ରକାଶ ପାଉଛି। ମାତ୍ର ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍‌ଆଇ ପଦରେ ସରକାର ନିଯୁକ୍ତି ଦେଇପାରୁ ନାହାନ୍ତି । ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆଜି ଲୋହିଆ ଏକାଡେମୀ ଠାରେ ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରଥମେ ଓପିଆର୍‌ବି ଦ୍ୱାରା ଚାକିରି ବିକ୍ରି ମସୁଧା ହୋଇଥିଲା। ଧରା ପଡ଼ିବା ପରେ ସରକାର ତାକୁ ଭାଙ୍ଗି ଦେଇ ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍‌ଏସ୍‌ଏସ୍‌ସି) ଗଠନ କରିଛନ୍ତି। ଅଧ୍ୟକ୍ଷଙ୍କ ସମେତ ସମ୍ପାଦକ ଓ ଅନ୍ୟ ସମସ୍ତ ପଦରେ ନିଯୁକ୍ତି ମଧ୍ୟ ପାଇ ସାରିଛନ୍ତି। ପ୍ରାୟ ୪ ମାସ ହେବ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ମଧ୍ୟ ଏବେଯାଏଁ ପରୀକ୍ଷା ତାରିଖ ବାହାର କରିପାରୁ ନାହାନ୍ତି। ଲୋକଙ୍କ ଟାକ୍ସ ପଇସାରେ ଦରମା ପାଉଥିବା ବାବୁମାନେ



ନିଦରୁ ଉଠନ୍ତୁ ଓ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ନିଯୁକ୍ତି ପରୀକ୍ଷା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ସିବିଆଇର ଶିଥିଳ ତଦନ୍ତ ଉପରେ ସେ ପ୍ରଶ୍ନ କରିବା ସହ କାହାକୁ ବାନ୍ଧି ପାରୁ ନଥିବା କହି କଟାକ୍ଷ କରିଛନ୍ତି। ଅନ୍ୟ ଜଣେ ମହିଳା ଆଶାୟୀ କହିଛନ୍ତି ଯେ, ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ଜୀବନକୁ ପ୍ରଭାବିତ କରିଛି। ଦୀର୍ଘ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି କରୁଥିବା ସତ୍ତ୍ୱେ ପରୀକ୍ଷା ହେଉ ନ ଥିବାରୁ ଅନେକ ନକରାତ୍ମକ କଥା ଶୁଣିବାକୁ ପଡୁଛି। ଏପରିକି ଘର ଲୋକ ମଧ୍ୟ ପରୀକ୍ଷା ହେବ ନାହିଁ ବୋଲି କହିବା ସହ ବାହାଘର ହୋଇ ଯିବାକୁ ଚାପ ପକାଉଛନ୍ତି। ଫଳରେ ତାଙ୍କ ପରି ଅନେକ ଝିଅଙ୍କ ଜୀବନ ଏବେ ପଥଭ୍ରଷ୍ଟ ହେବାରେ ଉପନୀତ ହୋଇଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଆଉଜଣେ ଆଶାୟୀ କହଛନ୍ତି ଯେ, ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍‌ଆଇ ପରୀକ୍ଷା ହେଉନି। ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓୟୁଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ନେତୃତ୍ୱରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବେ ବୋଲି ଚରମବାଣୀ ଶୁଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଆଶାୟୀ ଉପସ୍ଥିତ ଥିଲେ।

---

# ଜେଲ୍‌ରୁ ମୁକୁଳିବେ ସୟେଦ ଇଶାନ ବୁଖାରୀ

ଯାଜପୁର,୩୦।୬(ସମିସ): ଗତ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଇଶାନ ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ହେବା ଦିନଠାରୁ ହିଁ ଇଶାନ ବୁଖାରୀ

**କାଶ୍ମୀରର ସନ୍ଦିଗ୍ଧ ଯୁବକ ଅଭିଯୋଗରେ ଗିରଫ ହୋଇଥିଲେ**

ପ୍ରଥମେ ଯାଜପୁର ରୋଡ୍ ସବଜେଲ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ତେବେ ତଦନ୍ତରେ ଏସ୍‌ଟିଏଫ୍ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ୍ ନେଇ କୌଣସି ପ୍ରଣାମ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଡାକ୍ତର ବୋଲାଇ



ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ତଞ୍ଚକତା କରି ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡି) ଧାରାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖରେ ତାଙ୍କୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ କରାଯାଇଥିଲା। ଅପିଲର ଶୁଣାଣି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଆଜି ତାଙ୍କ ରାୟ ଶୁଣାଇଛନ୍ତି। ରାୟ ଅନୁସାରେ ତଳ କୋର୍ଟରେ ଯେଉଁସବୁ ଦଫାରେ ମୋଟ ୫ବର୍ଷ ସଶ୍ରମ କାରା ଦଣ୍ଡାଦେଶ ମିଳିଥିଲା ସେଥିରୁ କେବଳ ଆଇପିସିର ଧାରା ୪୭୧ରେ ହୋଇଥିବା ଏକ ବର୍ଷର କାରା ଦଣ୍ଡାଦେଶକୁ କାଏମ ରଖି ବାକି ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି। ଯେହେତୁ ସୟେଦ୍ ଇଶାନ ବୁଖାରୀ ଇତିମଧ୍ୟରେ ପାଖାପାଖି ୨ବର୍ଷ ୭ମାସ ଧରି ଜେଲ୍ ଜୀବନ ବିତାଇ ସାରିଲେଣି, ତେଣୁ ଆଜିର ରାୟ ଫଳରେ ସେ ଚୌଦ୍ୱାର ଜେଲରୁ ମୁକୁଳିବା ନେଇ ବାଟ ଫିଟିଥିବା ଜଣାପଡିଛି।

---

# ପାରୋଲ୍‌ରେ ଥାଇ ୯ ବର୍ଷ ପରେ କଏଦୀ ଗିରଫ

## ଅମୃତସରରୁ ଉଠାଇ ଆଣିଲା କମିସନରେଟ୍ ପୁଲିସ

କଟକ,୩୦।୬(ସମିସ): ଦୀର୍ଘ ୯ବର୍ଷ ହେବ ହତ୍ୟାକାରୀ ଓ ପୁଲିସ ଲୁଚକାଳି ଖେଳରେ ଯବନିକା ପଡ଼ିଛି। ଜଗତପୁର ଥାନା ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ କୁଖ୍ୟାତ ଆଜୀବନ ସଜାପ୍ରାପ୍ତ କଏଦୀକୁ କମିସନରେଟ୍ ପୁଲିସ ପଞ୍ଜାବର ଅମୃତସହରରୁ କାବୁ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗ୍ରାମର ସାଜିଦ୍ ଖାନ୍ (କଏଦୀ ନମ୍ବର-୧୦୦୧/ଏ)। ୨୦୦୮ର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ସଜା କାଟୁଥିଲା ସାଜିଦ୍। ୨୦୧୭ରେ ପାରୋଲେ(ସାମୟିକ ଛୁଟି)ରେ ଆସି ଆଉ ଜେଲ୍‌କୁ ସେ ଫେରି ନଥିଲା। ପଞ୍ଜାବର ଅମୃତସରରେ ନିଜର ନାମ ଓ ପରିଚୟ ବଦଳାଇ ସେଠାରେ ନୂଆ ସଂସାର ଗଢ଼ି ଜୀବନ ବିତାଉଥିଲା। ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପଞ୍ଜାବରୁ ଗିରଫ କରି ଓଡ଼ିଶା ଆଣିବା ପରେ ଗତ ୨୭ ତାରିଖ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି। ଏହାପରେ ତାକୁ ପୁଣି ଥରେ ଜେଲ୍ ପଠାଯାଇଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ୨୦୦୮ ମସିହା ଅପ୍ରେଲ ୨୮ ତାରିଖରେ ଜଗତପୁର ଥାନା ଭୈରପୁର ଗ୍ରାମରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ସମୟରେ ଅଭିଯୁକ୍ତମାନେ ମୃତକଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ, ଯାହାକୁ ନେଇ ସେତେବେଳେ ସମଗ୍ର କଟକ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୁଲିସ ସାଜିଦ୍ ଖାନ୍ ଓ ତାର ସହଯୋଗୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ



ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୨୦୧୦ରେ କଟକର ଫାଷ୍ଟଟ୍ରାକ କୋର୍ଟ-୧ ସାଜିଦ୍‌କୁ ଆଜୀବନ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଦୀର୍ଘ ବର୍ଷ ସେ ଜେଲ୍‌ରେ ରହିବା ପରେ ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରେ ସାଜିଦ୍‌କୁ ୧୪ ଦିନ ପାଇଁ ପାରୋଲେ ମିଳିଥିଲା। ନିୟମ ଅନୁଯାୟୀ ମାର୍ଚ୍ଚ ୨୧ ତାରିଖରେ ସେ ଚୌଦ୍ୱାର ସର୍କଲ ଜେଲ୍ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିବାର ଥିଲା। ମାତ୍ର ସେ ଜେଲ୍ ପ୍ରାଚୀର ବାହାରକୁ ଆସିବା ପରେ ଆଉ ଫେରି ନଥିଲା ଏବଂ କୌଶଳକ୍ରମେ ଓଡ଼ିଶା ସୀମା ପାର୍ ହୋଇଯାଇଥିଲା। ଏହି ଘଟଣାର ଦୀର୍ଘ ଦିନ ପରେ, ଜେଲ୍ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ ଆଧାରରେ ଗତ ୨୦ ଡିସେମ୍ବର ୨୫ ତାରିଖରେ ଜଗତପୁର ଥାନା କେସ୍ ନମ୍ବର ୭୫୬/୨୦୨୫ରେ ସାଜିଦ୍ ବିରୋଧରେ ଫେରାର ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏଏସଆଇ ତପନ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।

ଓଡ଼ିଶାରୁ ଚମ୍ପଟ ମାରିବା ପରେ ସାଜିଦ୍ ସିଧା ପଞ୍ଜାବର ଅମୃତସର ସହରରେ ଆତ୍ମଗୋପନ କରିଥିଲା। ସେଠାରେ ଜାଲ୍ ଦଲିଲ୍ ଜରିଆରେ ସେ ନିଜର ନୂଆ ନାମ "ଫୟାଜ୍ ଖାନ୍' ରଖି ଆଧାର କାର୍ଡ

- ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ଉ
- ହତ୍ୟା ମାମଲାରେ ଚୌଦ୍ୱାର ଜେଲ୍‌ରେ ଆଜୀବନ କଏଦୀ ଥିଲା ସାଜିଦ୍
- ଗଢ଼ିଥିଲା ନୂଆ ସଂସାର, ପ୍ରସ୍ତୁତ କରିଥିଲା ନୂଆ ପରିଚୟପତ୍ର

ଓ ଅନ୍ୟାନ୍ୟ ପରିଚୟପତ୍ର ପ୍ରସ୍ତୁତ କରି ସାରିଥିଲା। ଅମୃତସରର ସୁଦର୍ଶନ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହି ସେ ସେଠାକାର ସ୍ଥାନୀୟ ଜଣେ ମହିଳାଙ୍କୁ ବିବାହ କରିଥିଲା ଓ ତାଙ୍କର ପିଲାପିଲି ମଧ୍ୟ ହୋଇସାରିଥିଲେ। ପୁଲିସ ସନ୍ଦେହରୁ ବଞ୍ଚିବା ପାଇଁ ସେ ସହରର ଗଳି କନ୍ଦିରେ ମୋଟରସାଇକଲ୍ ଯୋଗେ ବେଡସିଟ୍ (ଶେଯ ଚାଦର) ଫେରି କରି ଜୀବିକା ନିର୍ବାହ କରୁଥିଲା। ଏସବୁ ସତ୍ତ୍ୱେ ସେ କଟକରେ ଥିବା ନିଜର କେତେକ ନିକଟ ସମ୍ପର୍କୀୟଙ୍କ ସହ ଅତି ଗୋପନୀୟ ଭାବେ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗରେ ଥିଲା। ଏହି ସୂତ୍ରକୁ ଧରି କଟକ ୟୁପିଡିର ସାଇବର ସେଲ୍ ସାଜିଦ୍‌ର ସମ୍ପର୍କୀୟଙ୍କ ମୋବାଇଲ୍ ଫୋନର କଲ୍ ଡିଟେଲ୍ସ ଏବଂ ନେଟୱର୍କ ପ୍ୟାଟର୍ଣ୍ଣକୁ ଅନୁଧ୍ୟାନ କରିଥିଲା। ଏଥିରୁ ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ନମ୍ବର ଉପରେ ପୁଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହାସହିତ ଭୈରପୁର ଗ୍ରାମରେ ଥିବା ପୁଲିସର ଗୁପ୍ତଚରଙ୍କଠାରୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ସୂଚନା ସୁନିଶ୍ଚିତ ହେବା ପରେ ଗତ ଜୁନ୍ ୨୩ ତାରିଖରେ ଏଏସଆଇ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଅମୃତସର ଅଭିମୁଖେ ଯାତ୍ରା କରିଥିଲା। ଅମୃତସରରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ସ୍ଥାନୀୟ ଅମୃତସର କମିସନରେଟ୍ ପୁଲିସ ଏବଂ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ସଂଗଠନର ସହାୟତା ନେଇଥିଲା। ଦୀର୍ଘ ୨ ଦିନ ଧରି ସୁଦର୍ଶନ ନଗର ଅଞ୍ଚଳରେ ପୁଲିସ ଛଦ୍ମବେଶରେ ଡେରା ପକାଇବା ପରେ ଗତ ଜୁନ୍ ୨୫ ତାରିଖରେ ପୁଲିସ ଟିମ୍ ସେହି ଅଞ୍ଚଳରେ ଜଣେ ବେଡସିଟ୍ ବିକାଳିକୁ ମୋଟରସାଇକଲ୍‌ରେ ଯାଉଥିବାର ଦେଖିଥିଲା। ଗୁପ୍ତ ଭାବେ ଯାଞ୍ଚ କରିବା ପରେ ସେହି ବ୍ୟକ୍ତି ଜଣକ ହିଁ ଆଜୀବନ ସଜାପ୍ରାପ୍ତ ଫେରାର କଏଦୀ ସାଜିଦ୍ ଖାନ୍ ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସ ବିଳମ୍ବ ନକରି ସ୍ଥାନୀୟ ସାଙ୍ଗଠନିକ ବଳରେ ତାକୁ ଚତୁରତାର ସହ କାବୁ କରିଥିଲା। ତାକୁ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

---

# ଭିଜିଲାନ୍ସ ଜାଲରେ ଭିମ୍‌ସାର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ସମ୍ବଲପୁରର ଧନକଉଡ଼ାରେ ଶ୍ରୀ ବିଶ୍ୱାଳଙ୍କ ଆବାସିକ ଘର (ଦୁଇ ମହଲା ବିଶିଷ୍ଟ କୋଠା), ଗୁଡେସିଙ୍ଗାରେ ଗୋଟିଏ କୋଠା, ଭିମସାର ମେଡିକାଲ ଷ୍ଟାଫ୍ କଲୋନୀରେ ସରକାରୀ କାର୍ଯ୍ୟାଳୟ ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ବିଶ୍ୱାଳଙ୍କ ଚାମ୍ବର ଯାଞ୍ଚ କରାଯାଇଛି। ୨ଟି କୋଠା, ୩୨ଟି ପ୍ଲଟ୍, ୧୯,୭୨,୪୯୦ ଟଙ୍କା, ୮୩.୦୫ ଗ୍ରାମ ସୁନା ଅଳଙ୍କା, ଗୋଟିଏ ଟ୍ରଲର, ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ଚାରି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ସହ ବ୍ୟାଙ୍କ, ଡାକ ଏବଂ ବୀମା ଜମା ଠାବ ହୋଇଛି। ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ଶ୍ରୀ ବିଶ୍ୱାଳ ୬-୧-୧୯୯୭ରେ ଜୁନିଅର୍ କ୍ଲର୍କ ଭାବେ ମାତ୍ର ୨୫୦୦ ଟଙ୍କା ଦରମାରେ ଭିମସାର୍‌ରେ ଯୋଗ ଦେଇଥିଲେ। ୧୧-୧-୨୦୧୯ରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି।

## ଭିମ୍‌ସାର ଷ୍ଟିୱାର୍ଡଙ୍କୁ ଘେରିଲା ଭିଜିଲାନ୍ସ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମେଡିକାଲ ଷ୍ଟାଫ୍ କଲୋନୀ, ବୁର୍ଲା ସୌରଭ ବିହାରରେ ଗୋଟିଏ (ନିର୍ମାଣାଧୀନ) ୪ ମହଲା କୋଠା, ବୁର୍ଲା ପଠାନବନ୍ଧରେ ଗୋଟିଏ କୋଠା, ବରଗଡ଼ ଗୋବିନ୍ଦପାଲିରେ ଗୋଟିଏ କୋଠା ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ମେହେରଙ୍କ ଅଫିସ୍ ଚାମ୍ବର ଯାଞ୍ଚ କରାଯାଇଛି। ସୌରଭ ବିହାରରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହ ଏକ ଚାରି ମହଲା କୋଠା (ନିର୍ମାଣାଧୀନ), ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅବସ୍ଥିତ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ୧୦ଟି ପ୍ଲଟ୍, ୮୩ ଗ୍ରାମ ସୁନାଗହଣା, ବ୍ୟାଙ୍କ, ଡାକ ଜମା, ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ୫ଟି ଜାଗାରେ ଏକକାଳୀନ ଏହି ତଲାସ କରାଯାଇଛି।

---







**ଧାନ ସଂଗ୍ରହରେ ଅବ୍ୟବସ୍ଥା ପ୍ରସଙ୍ଗ**

# ଡ଼ବଲ ଇଞ୍ଜିନର ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ: ବିଜେଡି

ଭୁବନେଶ୍ୱର,୩୦।୬(ସମିସ): ଡବଲ ଇଞ୍ଜିନ ସରକାର ଚାଷୀକୂଳ ପାଇଁ କାଳ ସାଜିଛି। ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଡବଲ ଇଞ୍ଜିନ ସରକାର ଚାଷୀକୂଳ ପ୍ରତି ପ୍ରତାରଣା କରିଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ

- ମଣ୍ଡି ଅବ୍ୟବସ୍ଥା ପାଇଁ ହଇରାଣ ହେଉଛନ୍ତି ଚାଷୀକୂଳ
- ଅଦ୍ୟାବଧି ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି
- ଧାନ ବିକ୍ରି ପାଇଁ ଆଉ ୧୫ ଦିନ ମଣ୍ଡି ଖୋଲିବାକୁ ଦାବି

ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ବିଜେପି ସରକାରର ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ହତାଶ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀକୂଳ କଟନୀ ଛଟନୀରୁ ଆରମ୍ଭ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଧାନର ଏମଏସପି ବୃଦ୍ଧି, ଇନପୁଟ ସବସିଡି ପ୍ରଦାନ ସହ ଚାଷୀର ସମସ୍ତ ଧାନକୁ କ୍ରୟ କରିବାକୁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ଦିନ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା



ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ରାଜ୍ୟ ସରକାର ଏହାକୁ ୩ ଦିନ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜୀକରଣ ସଠିକ୍ ଭାବେ ହେଉନଥିବାରୁ ଧାନ ସଂଗ୍ରହରେ ଚରମ ବିଫଳତା ଦେଖାଦେଇଛି। ଚଳିତ ଧାନ ସଂଗ୍ରହ ଆରମ୍ଭରୁ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି । ବର୍ଷା ଋତୁ ଆରମ୍ଭ ହୋଇଯାଇ ଥିବାରୁ ଧାନ ମିଲକୁ ନେଇକି ଯିବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ବେଳେ ପରିବାରର ପ୍ରମାଣପତ୍ର ଆଣିବା ପାଇଁ ଚାଷୀଙ୍କୁ କୁହାଗଲା। ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀ ଯେମିତି ମଣ୍ଡିରେ ଧାନ ବିକ୍ରି କରିନପାରୁ। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ବଳକା ଧାନ ସଂଗ୍ରହ କରିବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବେ ନାହିଁ ବୋଲି କହିଛନ୍ତି । ୨୦ ଲକ୍ଷ ମେଟ୍ରିକ୍ ଟନ ରବି ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା ପୂରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ ୧୮,୪୬,୦୦୦ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି । ୩,୬୭,୨୨୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ୩,୩୭,୦୦୦ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଆହୁରି ୩୫,୦୦୦ ଚାଷୀ ୧,୫୦,୦୦୦ ମେଟ୍ରିକ୍ ଟନ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଅନେକ ମଣ୍ଡିରେ ପଲିଥିନ୍ ଅଭାବ ପାଇଁ ଧାନ ଭିଜୁଛି । ତେଣୁ ୩ ଦିନ ପରିବର୍ତ୍ତେ ଆହୁରି ୧୫ ଦିନ ମଣ୍ଡି ଖୋଲା ରଖିବା ସହ ଚାଷୀଙ୍କ ସମସ୍ତ ବଳକା ଧାନ ରାଜ୍ୟ ସରକାର ସଂଗ୍ରହ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯ - ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭ - ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା।
- ୨୦୧୭ - ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା।

# ଜାତୀୟ ଚିକିତ୍ସକ ଦିବସ




ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ। ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ। ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ। ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

## ପୁଣି ଏକାଠି ଆସିବେ
# ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ। ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି। ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ। ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ। ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ'।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ। ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ। ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି। ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ।




## ଆଜି ବାହୁଡ଼ିଥିଲେ
# ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି। ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ।

# ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ। ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି। ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ। ଜରୁରି କାମକୁ ପ୍ରଥମେ କରନ୍ତୁ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ। ଏହାଦ୍ୱାରା ଚାପ କମ୍ ହେବ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ। ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ। ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ। ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ।
- ମଲଟି ଟାସ୍କିଂ କରନ୍ତୁ ନାହିଁ। ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ। ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି। ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ।
- ଠିକ୍ ସମୟରେ କାମ ପୂରା କରନ୍ତୁ। ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ।
- ଅଫିସ୍ ଗସିପ୍‌ଠୁ ଦୂରରେ ରୁହନ୍ତୁ। ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ। ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି। କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି। ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ। ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ। ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ। ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ। ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ। ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି। ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ। ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ। ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି। ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ। ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ। ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ। ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ। କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ। ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ। ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ। ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ। ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି। ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ।**

**ପୋର୍ଟେବଲ ମନିଟର:** ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ। ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ।

**ନଏଜ କ୍ୟାନସଲିଂ ହେଡ୍‌ଫୋନ୍:** ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ। ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍:** ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି। ଲାପ୍‌ଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ। ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ। ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର। ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ।

**ସ୍ମାର୍ଟ ନୋଟ୍‌ବୁକ୍:** ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ। ଦରକାରୀ ତଥ୍ୟ ହଜି ନ ଥାଏ।







# ଇତିହାସ ସୃଷ୍ଟି କଲେ ପାରାଗୁଏ, ମରୋକ୍କୋ

## ପେନାଲ୍ଟିରେ ୪ ଥରର ଚାମ୍ପିଅନ ଜର୍ମାନୀ, ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ୍ ସୁଟ୍ଆଉଟ୍

ଫକ୍ସବରୋ/ଗ୍ୱାଡଲୋପ୍,୩୦।୬(ଏଜେନ୍ସି)

୪ଥରର ଚାମ୍ପିଅନ ଜର୍ମାନୀ ଓ ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରୁ ପେନାଲ୍ଟି ସୁଟ୍ଆଉଟରେ ବିଦା ହୋଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ଓ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ଇତିହାସ ସୃଷ୍ଟି କରିଛନ୍ତି। ରାଉଣ୍ଡ-୩୨ରେ ଫ୍ରାନ୍ସ ଓ ସ୍ୱିଡେନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ପାରଗୁଏର ଏବଂ କାନାଡା ସହ ମରୋକ୍କୋର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ଭାରତୀୟ ସମୟ ସୋମବାର ରାତି ଓ ମଙ୍ଗଳବାର ସକାଳେ ଖେଳାଯାଇଥିବା ଏହି ଦୁଇଟିଯାକ ମ୍ୟାଚ୍ ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳରେ ଫଳାଫଳ ମିଳି ନ ଥିଲା। ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍ଆଉଟ୍‌ର ସହାୟତା ନିଆଯାଇଥିଲା। ବୋଷ୍ଟନ ଷ୍ଟାଡିୟମରେ ଖେଳାଯାଇଥିବା ଜର୍ମାନୀ-ପାରାଗୁଏ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଗୋଲ ରକ୍ଷକ ଅର୍ଲାଣ୍ଡୋ ଗିଲ୍ ଦୁଇଟି ପେନାଲ୍ଟି ସଟ୍‌କୁ ସେଭ୍ କରିବା ଫଳରେ ପାରାଗୁଏ ୪-୧ରେ ୪ଥରର ଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ମଣ୍ଟେରୀ ଷ୍ଟାଡିୟମରେ ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଥିଲା। ଏଥିରେ ଉଭୟ ଦଳ ଶେଷ ସମୟରେ ଗୋଲ ସ୍କୋର କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ମିଳି ପାରି ନ ଥିଲା। ପେନାଲ୍ଟି ସୁଟ୍ଆଉଟରେ ମରୋକ୍କୋ ୩-୨ ଗୋଲରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ପ୍ରି-କ୍ୱାର୍ଟରରେ ବ୍ରାଜିଲ

ହଷ୍ଟନ,୩୦।୬(ଏଜେନ୍ସି): ଏସିଆ ମହାଦେଶର ଏକ ନମ୍ବର ଦଳ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ପାଞ୍ଚଥରର ଚାମ୍ପିଅନ ବ୍ରାଜିଲ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସୋମବାର ରାତିରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବ୍ରାଜିଲ ପଛୁଆ ଥାଇ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ଦେଇ ବ୍ରାଜିଲ ଉତ୍କୃଷ୍ଟାପୂର୍ଣ୍ଣ ବିଜୟ ହାସଲ କରିଥିଲା। ବିଶେଷ କରି ଷ୍ଟପେଜ ଟାଇମ୍‌ରେ ଗ୍ରାବିଏଲ୍ ମାର୍ଟିନେଲିଙ୍କ ଗୋଲ୍ ବ୍ରାଜିଲକୁ ପ୍ରି-କ୍ୱାର୍ଟରରେ ପ୍ରବେଶ କରାଇଥିଲା। ଅପରପକ୍ଷରେ ପରାଜୟ ସହ ଜାପାନର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ବ୍ରାଜିଲ ଏବେ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ।



| 26 | ଫିଫା ବିଶ୍ୱକପ୍ |
| --- | --- |
| | ରାଉଣ୍ଡ ଅଫ୍ ୩୨ ମୁକାବିଲା |
| | ବୁଧବାର ରାତି |
| | ଇଂଲଣ୍ଡ-କଙ୍ଗୋ |
| | ଆଟଲାଣ୍ଟା, ରାତି ୯.୩୦ |
| | ବେଲଜିୟମ-ସେନେଗାଲ |
| | ସିଆଟଲ, ରାତି ୧.୩୦ |
| | ଗୁରୁବାର ସକାଳ |
| | ଆମେରିକା-ବୋସନିଆ |
| | ସାନ୍‌ଫ୍ରାନ୍ସିକୋ, ସକାଳ ୫.୩୦ |
| | ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ବଡ଼ ବିପର୍ଯ୍ୟୟ ଘଟାଇଲା ପାରାଗୁଏ



ବୋଷ୍ଟନ ଷ୍ଟାଡିୟମ୍‌ରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀକୁ ପରାସ୍ତ କରି ପାରାଗୁଏ ଫିଫା ବିଶ୍ୱକପ୍ ଇତିହାସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ୧୦ମ ସ୍ଥାନରେ ଥିଲାବେଳେ ପାରାଗୁଏ ୪୧ତମ ସ୍ଥାନରେ ରହିଛି। ଏହି ବିଜୟ ସହ ପାରାଗୁଏ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲାବେଳେ ପ୍ରଥମଥର ଆୟୋଜିତ ହେଉଥିବା ରାଉଣ୍ଡ ଅଫ୍ ୩୨ରୁ ଜର୍ମାନୀ ବିଦାୟ ନେଇଛି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲା ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଅର୍ଥାତ୍ ୧୨୦ ମିନିଟ୍ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଜର୍ମାନୀ ପକ୍ଷରୁ କାଇ ହାର୍ଭେଜ୍ ଓ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସ୍କୋ ଗୋଲ ସ୍କୋର କରିଥିଲେ। ପେନାଲ୍ଟି ସୁଟ୍ଆଉଟ୍‌ରେ ପାରାଗୁଏ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ୨ଟି ପେନାଲ୍ଟି ସଟ୍‌କୁ ଅଟକାଇ ଏହି ମ୍ୟାଚ୍‌ରେ ହିରୋ ବନିଯାଇଥିଲେ। ୨୦୧୦ରେ କ୍ୱାର୍ଟରଫାଇନାଲ ଖେଳିଥିବା ପାରାଗୁଏ ଗତ ୨ଟି ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଏହି ମ୍ୟାଚ୍‌ରେ ବଲ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଏପରିକି ପାରାଗୁଏ ଦଳ ଖେଳିବାକୁ ବଲ୍ ମଧ୍ୟ ପାଇ ନ ଥିଲେ। ଏହା ସତ୍ତ୍ୱେ ଜର୍ମାନୀ ଗୋଲ ସ୍କୋର କରିବାକୁ ସମର୍ଥ ହୋଇ ନ ଥିଲା। ପେନାଲ୍ଟି ସୁଟଆଉଟରେ ହାରିବା ଫଳରେ ଗତ ୪ଟି ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ହୋଇଛି। ୨୦୧୦ ଓ ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ୨୦୨୬ରେ ରାଉଣ୍ଡ ଅଫ୍ ୩୨ରୁ ବିଦା ହୋଇଛି। ଦଳ ପ୍ରଥମଥର ପେନାଲ୍ଟି ସୁଟ୍ଆଉଟରେ ପରାଜିତ ହୋଇଥିଲାବେଳେ ପୂର୍ବରୁ ୪ଥର ବିଜୟୀ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ଚଳିତ ବିଶ୍ୱକପ୍‌ରେ ଆଦୌ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରି ନ ଥିଲା।

## ପାରାଗୁଏରେ ଜାତୀୟ ଛୁଟିଦିବସ

ଆସୁନସିଅନ,୩୦।୬(ଏଜେନ୍ସି): ଜର୍ମାନୀକୁ ହରାଇ ପାରାଗୁଏ ବିପର୍ଯ୍ୟୟ ସୃଷ୍ଟି କରିବା ସହ ୨୦୨୬ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପରେ ସମଗ୍ର ଦେଶରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ମଙ୍ଗଳବାରକୁ ଜାତୀୟ ଛୁଟିଦିବସ ଭାବେ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ପେନାଙ୍କ ଅନୁଯାୟୀ ଫୁଟବଲ ଖେଳ ପାରାଗୁଏଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। ବିଶ୍ୱ ଫୁଟବଲରେ ଅଣ୍ଡରଡଗ୍ ଭାବେ ବିବେଚିତ ପାରାଗୁଏ ୪ଥରର ବିଶ୍ୱଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିବା ଆମ ଲାଗି ଐତିହାସିକ ବିଜୟ ସହ ସମାନ। ଏହି ଉତ୍ସବକୁ ପାଳନ କରିବା ଲାଗି ସମସ୍ତ ନାଗରିକଙ୍କ ସୁବିଧା ଲାଗି ଛୁଟି ଘୋଷଣା କରାଯାଉଛି।

## ମାନୁଏଲ ନୁଏରଙ୍କ ଅବସର

ବର୍ଲିନ,୩୦।୬(ଏଜେନ୍ସି): ପେନାଲ୍ଟି ସୁଟ୍ଆଉଟରେ ପାରାଗୁଏ ନିକଟରୁ ହାରିଯିବା ପରେ ଜର୍ମାନୀର ୪୦ ବର୍ଷୀୟ ଗୋଲରକ୍ଷକ ମାନୁଏଲ ନୁଏର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ସେ ଅବସର ଘୋଷଣା କରିଥିଲେ, କି ଦଳରେ ଭଲ ଗୋଲରକ୍ଷକ ନ ଥିବାରୁ ୨୦୨୪ ଅଗଷ୍ଟରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟବଲ ଖେଳିଥିଲେ। ଏବେ ପରାଜୟ ସହ ଅନ୍ତର୍ଜାତୀୟ ଫୁଟବଲରୁ ଅପସରି ଯାଇଛନ୍ତି।



## ମରୋକ୍କୋ ହିରୋ ୟାସିନ୍, ସାଇବାରୀ

ମଣ୍ଟେରୀ ଷ୍ଟାଡିୟମ୍‌ରେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଉପରତଳ ହୋଇ ରହିଥିବା ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ରାଉଣ୍ଡ -୩୨ ମୁକାବିଲା ରୋମାଞ୍ଚକ ହୋଇଥିଲା। ଖେଳର ୭୧ତମ ମିନିଟ୍ ଯାଏ କେହି କାହାରିକୁ ଗୋଲ ଦେଇ ନ ଥିଲେ। ୭୨ତମ ମିନିଟ୍‌ରେ କୋଡି ଗାକ୍‌ପୋ ନେଦରଲ୍ୟାଣ୍ଡସ ପକ୍ଷରୁ ଓ ୯୧ତମ (ଇଞ୍ଜୁରୀ ଟାଇମ୍) ମିନିଟରେ ଇସା ଡିଓପ ମରୋକ୍କୋ ପକ୍ଷରୁ ଗୋଲ ଦେବା ଫଳରେ ଖେଳ ସମାନ ସ୍ତରରେ ରହିଥିଲା। ପେନାଲ୍ଟି ସୁଟ୍ଆଉଟରେ ନେଦରଲ୍ୟାଣ୍ଡସ ପକ୍ଷରୁ କ୍ରିସେନିକୋ ସମରଭିଲେ ମାରିଥିବା ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସଟ୍‌କୁ ମରୋକ୍କୋ ଗୋଲରକ୍ଷକ ଅଟକାଇବା ପରେ ୫ମ ସଟ୍ ମିସ୍ ହୋଇଥିଲା। ଫଳରେ ଶେଷ ସଟ୍‌କୁ ମରୋକ୍କୋ ଗୋଲରେ ପରିଣତ କରିଥିଲେ ମ୍ୟାଚ୍ ଜିତିବାର ସ୍ଥିତିରେ ଥିଲା। ଏହି ସଟ୍‌କୁ ଷ୍ଟ୍ରାଇକର ଇସ୍ମାଏଲ ସାଇବାରୀ ଗୋଲରେ ପରିଣତ କରି ମରୋକ୍କୋକୁ ୩-୨ ପେନାଲ୍ଟିରେ ଜିତାଇବା ସହ ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ମରୋକ୍କୋ ମଧ୍ୟ ଗତ ୩ଟି ସଂସ୍କରଣରେ ୟୁରୋପର ଦୁଇଟି ଶକ୍ତିଶାଳୀ ଟିମ୍‌କୁ ପେନାଲ୍ଟି ସୁଟ୍ଆଉଟରେ ବିଦା କରିଛି। ଗତ ବିଶ୍ୱକପ୍‌ରେ ୟାସିନ୍ ବୋଉନୋଉ ୨ଟି ପେନାଲ୍ଟି ସଟ୍ ସେଭ୍ କରିବା ଫଳରେ ସ୍ପେନ୍‌କୁ ମରୋକ୍କୋ ହରାଇଥିଲା। ସାଇବାରୀଙ୍କ ଗୋଲ ବଳରେ ମରୋକ୍କୋ ଇତିହାସ ସୃଷ୍ଟି କରିବା ସହ ଆସନ୍ତା ଶନିବାର କାନାଡା ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ହରମନପ୍ରୀତଙ୍କୁ ଭାରତର ନେତୃତ୍ୱ

**ଏସୀୟ କ୍ରୀଡ଼ା**

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହରମନପ୍ରୀତ୍ କୌର ଅଧିନାୟିକା ପଦ ବଜାୟ ରଖିଛନ୍ତି। କ୍ରମାଗତ ଦ୍ୱିତୀୟ ସଂସ୍କରଣ ଲାଗି ହରମନପ୍ରୀତ୍ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୨ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତୀୟ ମହିଳା କ୍ରିକେଟ୍ ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଗୁନାଲାନ କମଳିନୀ, ଭାରତୀ ଫୁଲମଣି, ଶ୍ରୀ ଚରଣି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ୍, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

## ୱିମ୍ବଲଡନ: ସ୍ୱିଆଟେକ ଆଗେଇଲେ

ଲଣ୍ଡନ, ୩୦।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ଦ୍ୱିତୀୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକ, ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଷଷ୍ଠ ସିଡ୍ ଆମଣ୍ଡା ଆନିସିମୋଭା ପ୍ରମୁଖ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ସିଡ୍ ଆମେରିକାର ବେନ୍ ସେଲଟନ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ମଧ୍ୟ କଷ୍ଟସାଧ୍ୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପାଞ୍ଚ ସେଟ୍ ମୁକାବିଲାରେ ସିନ୍ନର ୪-୬, ୬-୩, ୬-୭(୬/୮), ୬-୨, ୬-୩ ସେଟରେ ବିଶ୍ୱର ୫୦ ନମ୍ବର ଖେଳାଳି ସର୍ବିଆର ମିଓମିର କେକମାନୋଭିକଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ସାଢ଼େ ୩ ଘଣ୍ଟା ସମୟ ଲାଗିଥିଲା।

● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଅଷ୍ଟମଥର ଫାଇନାଲ ଖେଳିବ ଅଷ୍ଟ୍ରେଲିଆ

ଲଣ୍ଡନ, ୩୦।୬ (ଏଜେନ୍ସି): ରେକର୍ଡ ଛ'ଥରର ବିଜେତା ଅଷ୍ଟ୍ରେଲିଆ ୮ମଥର ଲାଗି ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୭ ୱିକେଟ ହରାଇ ୧୨୫ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହେଲି ମାଥ୍ୟୁସ ସର୍ବାଧିକ ୩୦, ଡେଣ୍ଡ୍ରା ଡଟିନ ଅପରାଜିତ ୨୬ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଅଧିନାୟିକା ସୋଫି ମୋଲିନେକ୍ସ (୨/୩୦), ଆସଲେ ଗାର୍ଡନର (୨/୧୩) ଓ ଜର୍ଜିଆ ୱେରହାମ (୨/୧୭) ମିଳିତ ଭାବେ ୬ଟି ୱିକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ବେଥ ମୁନୀ ୬୧ ଓ ଆସଲେ ଗାର୍ଡନର ୩୫ ରନର ଅପରାଜିତ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ। ଗୁରୁବାର ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ରବିବାର ଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ।



ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟୀ ସ୍ପୋର୍ଟ୍ସ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ଓ ଦେଶ ଲାଗି ଗୌରବ ଆଣିଥିବା ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ଆଜିଠୁ ଓଡ଼ିଶାରେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ୍

ଭୁବନେଶ୍ୱର, ୩୦।୬ (ସମିସ): ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ବୁଧବାରଠାରୁ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବୁଲ୍ସଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।

# ଭାରତ-ଇଂଲଣ୍ଡ ଟି-୨୦ ସିରିଜ ଆଜିଠୁ

ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି)

ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଚେଷ୍ଟର-ଲି-ଷ୍ଟ୍ରିଟରେ ରାତି ୧୦ଟାରେ ଖେଳାଯିବ। ଆୟର୍ଲାଣ୍ଡ ବିପକ୍ଷରେ ବିରାଟ ବିପର୍ଯ୍ୟୟର ସମ୍ମୁଖୀନ ହେବାପରେ ଟିମ୍ ଇଣ୍ଡିଆ ଏହି ସିରିଜ ଖେଳିବ। ତେଣୁ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଆୟର୍ଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ଭାବେ ଦୁଇଟିଯାକ ଟି-୨୦ ମ୍ୟାଚ ହାରିବା ପରେ ଭାରତୀୟ ଦଳର ଖେଳାଳିମାନେ ଚାପରେ ରହିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରି ଏହି କ୍ଷତିର ଭରଣା କରିବାକୁ ଭାରତ ଲକ୍ଷ୍ୟ ରଖିଛି।



**ପ୍ରଥମ ଟି-୨୦**
ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ

ଅପରପକ୍ଷରେ ଅଧିନାୟକ ଆୟରଙ୍କ ନେତୃତ୍ୱରେ ଉପରେ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପ୍ରାୟ ୩ ବର୍ଷ ଧରି ଭାରତୀୟ ଦଳର ଟି-୨୦ ସେଟଅପ୍‌ରୁ ବାହାରେ ରହିବା ପରେ ଆୟର ଅଧିନାୟକ ସହ ଦଳକୁ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ତାଙ୍କୁ ନୂଆ ନେତୃତ୍ୱ ଭାର ମିଳିଥିଲା। କିନ୍ତୁ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ସିରିଜରେ ୨-୦ରେ ଆୟର୍ଲାଣ୍ଡ ନିକଟରୁ କ୍ଲିନସୁଇପ ହୋଇଛି। ଏବେ ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଭାରତ ଲଢ଼େଇ କରିବାକୁ ଯାଉଛି। ଯାହାକି ଆୟର ବାହିନୀ ପାଇଁ ଆହୁରି କଷ୍ଟକର ପରୀକ୍ଷା ହେବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱରେ ଇଂଲଣ୍ଡ ବିଶ୍ୱ କ୍ରିକେଟରେ ସୀମିତ ଓଭରରେ ଏକ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଛି। ଅଧିନାୟକ ବ୍ରୁକଙ୍କ ସମେତ ଜାକବ ବେଥେଲ, ଜୋଶ ବଟଲର, ସାମ୍ କରନ, ୱିଲ୍ ଜ୍ୟାକ, ଫିଲ୍ ସଟ, ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳି ଯେକୌଣସି ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେଣୁ ଇଂଲଣ୍ଡ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ସହଜ ହେବନାହିଁ। ସେହିଭଳି ଆୟର୍ଲାଣ୍ଡରେ ସୁଯୋଗ ପାଇ ନ ଥିବା ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଭାରତ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଆଜି ପର୍ଯ୍ୟନ୍ତ ୩୦ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଭାରତ ୧୮ ଓ ଇଂଲଣ୍ଡ ୧୨ ମ୍ୟାଚ ଜିତିଛି। ଦୁଇ ଦଳ ଶେଷଥର ଲାଗି ଚଳିତ ବର୍ଷ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଭାରତ ୭ ରନରେ ବିଜୟୀ ହୋଇଥିଲା।

AHANA GYNAECARE & IVF
Wishes You A
Happy Doctors' Day 2026
PESHCO-2023-7863
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by **Dr. Sujit Kumar Behera**, Chief Gynaecologist & Advanced Laparoscopic Surgeon
**State-of-the-art IVF & Infertility** unit, headed by **Dr. Sanjeev Behera**
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped **Fetal Medicine Dept.**, headed by **Dr. Shweta Somasikta Pani**
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
Services offered:
- Advanced Gynaecology Laparoscopic Procedures
- Fetal Medicine Unit with Invasive Procedures
- OPD services for Cardiology & Ultrasound
- IVF-ET, ICSI, IUI & other Fertility services
- High-Risk Pregnancy handling
- Neonatal Unit with Level - 3 NICU
Facebook Page
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 91243 64151
ahanagynaecare@gmail.com | www.ahanagynaecare.com
Google Map

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS